ଓଡ଼ିଶାର ପ୍ରଥମ ଦୈନିକ ମଧ୍ୟାହ୍ନ ଖବରକାଗଜ
RNI NO - ORIORI/2006/19548
Visit us at : www.amarajdhani.com

ଆମ ରାଜଧାନୀ

Rs.4.00
Odisha's First Mid-Day Daily

ବର୍ଷ: ୧୯, ସଂଖ୍ୟା-୩୪, ଭୁବନେଶ୍ୱର, ୧୦.୪.୨୦୨୫, ଗୁରୁବାର Vol- XIX, Issue-34 Bhubaneswar, Dt 10.4.2025, Thursday

## ମୁମ୍ବାଇ ଆକ୍ରମଣର ମାଷ୍ଟରମାଇଣ୍ଡ ଭାରତ ପହଞ୍ଚିବା ଆଗରୁ ଶାହାଙ୍କ ବଡ ବୟାନ: ମୋଦୀଙ୍କୁ ପ୍ରଶଂସା, କଂଗ୍ରେସକୁ କଟାକ୍ଷ



ନୂଆଦିଲ୍ଲୀ: ୨୬/୧୧ ମୁମ୍ବାଇ ଆକ୍ରମଣର ମାଷ୍ଟରମାଇଣ୍ଡ ଭାରତ ପହଞ୍ଚିବା ଆଗରୁ ବଡ ବୟାନ ଦେଲେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା । କହିଲେ, ତହବୁର ରାଣାର ପ୍ରତ୍ୟର୍ପଣ ମୋଦୀ ସରକାରଙ୍କ ପାଇଁ କୁଟନୀତିର ଏକ ବିରାଟ ବିଜୟ । ଜାତୀୟ ଗଣମାଧ୍ୟମର ଏକ ସାକ୍ଷାତକାରରେ ଶାହା କହିଛନ୍ତି, ଯେଉଁମାନେ ଭାରତ ଭୂମି, ଭାରତର ସମ୍ମାନ ଏବଂ ଭାରତର ନାଗରିକଙ୍କ ସହ ଦୁର୍ବ୍ୟବହାର କରିଛନ୍ତି ସେମାନେ ଆମ ଆଇନର ପରିସରଭୁକ୍ତ ହେବା ଦରକାର। ଏହା ହିଁ ମୋଦୀ ସରକାରଙ୍କ ପ୍ରୟାସ । ଆଉ ତହବୁର ରାଣା ଭାରତ ଫେରିବା ମୋଦୀ ସରକାରଙ୍କ ପାଇଁ ଏକ ବଡ କୁଟନୈତିକ ବିଜୟ । ତେବେ ଏହି ଅବସରରେ କଂଗ୍ରେସ ସରକାରକୁ କଟାକ୍ଷ କରିଛନ୍ତି ଶାହା । ତହବୁର ରାଣା ପ୍ରସଙ୍ଗ ସହ ଯୋଡି ତତ୍କାଳୀନ ମନମୋହନ ସରକାରକୁ ଟାର୍ଗେଟ୍ କରିଛନ୍ତି ଶାହା । କହିଛନ୍ତି ଯେଉଁମାନଙ୍କ ସମୟରେ ଏହି ଆକ୍ରମଣ, ଏହି ଧମାକା ହୋଇଥିଲା ସେମାନେ ତ ରାଣାକୁ ଆଣିପାରିଲେନି ଏବେ ମୋଦୀ ସରକାରଙ୍କ ପାଇଁ ହିଁ ରାଣାର ପ୍ରତ୍ୟର୍ପଣ ହେବା ଏବଂ ତାକୁ ଆମ ସମ୍ବିଧାନ ଆମ ଅଦାଲତ ଅନୁସାରେ ଦଣ୍ଡ ମିଳିବା ଭାରତ ପାଇଁ ବଡ କଥା ।

## ରାଉରକେଲାରେ ଦୁଇଟି ହତ୍ୟାକାଣ୍ଡ: ଦୁଇ ଯୁବକ ମୃତ

ରାଉରକେଲା: ଗତକାଲି ବିଳମ୍ବିତ ରାତିରେ ରାଉରକେଲା ସହରରେ ଦୁଇଟି ହତ୍ୟାକାଣ୍ଡ ଘଟିଯାଇଛି । ଛେଣ୍ଡ କୋଅପରେଟିଭ କଲୋନିର ମୁକେଶ କରଙ୍କୁ ଗୋଡେଇ ଗୋଡେଇ ହତ୍ୟା କରାଯାଇଛି କ୍ଷ ତାଙ୍କର ଅନ୍ୟ ଜଣେ ସାଙ୍ଗ ଗୁରୁତର ହୋଇଛନ୍ତି କ୍ଷ ଏଣେ ରାଉରକେଲା ଗାନ୍ଧୀରୋଡରେ ଜଣେ ଜରି ଗୋଟାଳିକୁ ବେକ କାଟି ନିର୍ମମ ଭାବେ ହତ୍ୟା କରାଯାଇଛି କ୍ଷ ଏ ଦୁଇ ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ପୁଲିସ ଉଭୟ ହତ୍ୟାକାଣ୍ଡର ତଦନ୍ତ ଆରମ୍ଭ କରିଛି।

## ସୀମା ଡେଇଁଲା ଶୁଳ୍କ ଯୁଦ୍ଧ: ଚୀନ ଉପରେ ଟ୍ରମ୍ପ ଲଗାଇଲେ ୧୨୫% ଟାରିଫ୍



ନୂଆଦିଲ୍ଲୀ: ଉଗ୍ର ହେଉଛି ଆମେରିକା-ଚୀନ ଟାରିଫ ୱାର । ସୀମା ଡେଇଁଲା ଦୁଇ ଦେଶ ମଧ୍ୟରେ ଚାଲିଥିବା ଶୁଳ୍କ ଯୁଦ୍ଧ । ଯେସା କୁ ତେସା ନୀତି ଆପଣାଉଥିବା ଚୀନ ଏବଂ ଆମେରିକା କେହି କାହାକୁ ନଛୋଡବନ୍ଧା । ଜଣେ ଟାରିଫ ବଢାଇ ଦେଲେ ଆଉ ଜଣେ ଡବଲ ଟାରିଫ ବଢାଇ ଦେଉଥିବା ଦେଖିବାକୁ ମିଳୁଛି । ତେବେ ଚୀନ ଆମେରିକା ଉପରେ ୮୪ ପ୍ରତିଶତ ଟାରିଫ ଘୋଷଣା ପରେ ରାଗିଗଲେ ଟ୍ରମ୍ପ ଆଉ ପାଲଟା ଭାବେ ଏକାଥରେ ୧୨୫ ପ୍ରତିଶତ ଟାରିଫ କଷିଛନ୍ତି । ପୂର୍ବରୁ ୧୦୪ ପ୍ରତିଶତ ଚୀନ ଉପରେ ଶୁଳ୍କ ଲଗାଇଥିବା ବେଳେ ବେଜିଂ ଉପରେ ନିଜ ରାଗ ଶୁଝାଇବାକୁ ଯାଇ ୧୨୫ ପ୍ରତିଶତ ଲଗାଇଛନ୍ତି । ଅନ୍ୟପଟେ ଭାରତ ସମେତ ୭୫ ଦେଶକୁ ମିଳିଛି ଆଶ୍ୱସ୍ତି । ଏସବୁ ଦେଶକୁ ୯୦ ଦିନିଆ ରିହାତି ମିଳିଥିବା ବେଳେ ୩ ମାସ ଯାଏଁ ଏସବୁ ଦେଶ କେବଳ ୧୦ ପ୍ରତିଶତ ଶୁଳ୍କ ଦେବେ ।

## ସୁନ୍ଦରଗଡ଼ରେ ଖଣି ଚୋରି: ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ବିଧାନସଭା ଉପବାଚସ୍ପତି ଭବାନୀ ଭୋଇ



ସୁନ୍ଦରଗଡ଼: ରାଜ୍ୟ ସରକାରଙ୍କୁ ସତ ଜଣାଇଲେ ଉପବାଚସ୍ପତି ଭବାନୀ ଭୋଇ। ଖଣି ଚୋରି ସମ୍ପର୍କରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସେ ଅବଗତ କରିଛନ୍ତି। ହେମଗିରିରେ କୋଇଲା ଓ ବଣାଇରେ ଆଇରନ ,ମାଂଗାନିଜ ଖୋଲାଖୋଲି ଚୋରି ହେଉଥିବା ସେ କହିଛନ୍ତି। ଏଥରେ ଜିଲ୍ଲା ପ୍ରଶାସନର ବଡ଼ ବଡ଼ ଅଧିକାରୀ , ଜଙ୍ଗଲ ବିଭାଗର ଅଧିକାରୀ, ଖଣି ବିଭାଗର ଅଧିକାରୀ ସିଧାସଳଖ ସମ୍ପୃକ୍ତ ଥିବା ଦର୍ଶାଇଛନ୍ତି ଉପବାଚସ୍ପତି। ବେଆଇନ ଖଣି ଖନନ ଓ କୋଇଲା ଉତ୍ତୋଳନ କରୁଛନ୍ତି ମାଫିଆ। ଯଥା ଶୀଘ୍ର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଉପବାଚସ୍ପତି ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି । ମାଫିଆ ଓ ତାଙ୍କୁ ସହଯୋଗ କରୁଥିବା କର୍ମଚାରୀଙ୍କ ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ସେ ଦାବି କରିଛନ୍ତି। ଅବୈଧ ଖଣିକୁ ବନ୍ଦ କରିବା ପାଇଁ ଟାସ୍କ ଫୋର୍ସ ଗଠନ ପାଇଁ ବି ଦାବି କରିଛନ୍ତି। ଏହା ସହ ରାଜ୍ୟର ସମସ୍ତ ସୀମାନ୍ତ ଅଞ୍ଚଳରେ ଜୋରଦାର ଚେକିଂ ପାଇଁ ସେ ସିଧାସଳଖ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

# ଖୁବ୍‌ଶୀଘ୍ର ରାଜ୍ୟ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ

## ନଡ୍ଡାଙ୍କ ଗସ୍ତ ସମୟରେ ହୋଇପାରେ ଚୂଡ଼ାନ୍ତ ନିଷ୍ପତ୍ତି



ଭୁବନେଶ୍ୱର: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ୪ ଦିନିଆ ଦିଲ୍ଲୀ ଗସ୍ତ ସାରି ଓଡ଼ିଶା ଫେରିଛନ୍ତି। ଦିଲ୍ଲୀ ଗସ୍ତର ଅନ୍ତିମ ଦିନରେ ମୁଖ୍ୟମନ୍ତ୍ରୀ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ସହ ଓଡ଼ିଶାରେ ଅପରାଧିକ ଆଇନର କାର୍ଯ୍ୟକାରିତାର ସମୀକ୍ଷା ବୈଠକରେ ଯୋଗ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନୂଆଦିଲ୍ଲୀରେ ଗଣମାଧ୍ୟମକୁ ଦେଇଥିବା ପ୍ରତିକ୍ରିୟାରେ ମଧ୍ୟ ଏହି ପ୍ରସଙ୍ଗ ଉଲ୍ଲେଖ କରିଛନ୍ତି। ମାତ୍ର ଓଡ଼ିଶାର ରାଜନୈତିକ ବିଶେଷଜ୍ଞ କେନ୍ଦ୍ର ଗୃହମନ୍ତ୍ରୀ ତଥା ବିଜେପିର ଦ୍ୱିତୀୟ ଶୀର୍ଷ ନେତା ଅମିତ ଶାହାଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ସାକ୍ଷାତକୁ ଭିନ୍ନ ଦୃଷ୍ଟିରେ ଦେଖୁଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟରେ ସମ୍ଭାବ୍ୟ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଓ ରାଜ୍ୟ ସଭାପତି ନିର୍ବାଚନ ପ୍ରସଙ୍ଗରେ ଶ୍ରୀ ଶାହାଙ୍କ ପରାମର୍ଶ ଲୋଡ଼ିଥାଇ ପାରନ୍ତି ବୋଲି କୁହାଯାଉଛି। ରାଜ୍ୟରେ ବିଜେପି ସରକାର ଗଠନ କରିବା ପରଠାରୁ ୧୦ ମାସ ପୂରିବାକୁ ବସିଲାଣି। ମାତ୍ର ଏଯାବତ୍ ପୂର୍ଣ୍ଣାଙ୍ଗ ମନ୍ତ୍ରିମଣ୍ଡଳ ଗଠନ ହୋଇପାରି ନାହିଁ। ମନ୍ତ୍ରିମଣ୍ଡଳରେ ୬ଟି ପଦ ଖାଲି ପଡ଼ିଥିଲେ ହେଁ ଦଳର ଆଭ୍ୟନ୍ତରୀଣ କାରଣରୁ ତାହା ସମ୍ପ୍ରସାରଣ ହୋଇପାରୁ ନାହିଁ। ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇବାକୁ ଆଶାୟୀ ବରିଷ୍ଠ ନେତାଙ୍କୁ ଧରି ଭୁବନେଶ୍ୱରରୁ ଦିଲ୍ଲୀ ଯାଏଁ ଲବି ଚଳାଇବା ଶୀର୍ଷ ନେତୃତ୍ୱଙ୍କୁ ଅଡୁଆରେ ପକାଇଛି। ଅପରପକ୍ଷେ ଶାହା-ମୋହନଙ୍କ ଏହି ଭେଟଘାଟ ପରେ ରାଜ୍ୟ ବିଜେପି ରାଜନୀତିରେ ହଲଚଲ ଦେଖାଦେଇଛି। ହାତୀ କାହା ମୁଣ୍ଡରେ ସୁନାକଳସ ଢାଳିବ ସେ ନେଇ ଆଶାୟୀଙ୍କ ମଧ୍ୟରେ ଅଙ୍କକଷା ଆରମ୍ଭ ହୋଇଛି। ଅନ୍ୟପକ୍ଷରେ ରାଜ୍ୟ ସଭାପତି ପଦକୁ ନେଇ ବାରମ୍ବାର ତାରିଖ ଓ ମାସ ପରିବର୍ତ୍ତନ ହେଉଥିଲେ ହେଁ ଦଳ ଚୂଡ଼ାନ୍ତ ନିଷ୍ପତ୍ତି ନେଇପାରୁ ନାହିଁ। ସଭାପତି ପଦ ହାତେଇବାକୁ ଅନେକ ନେତା ଆାଶାୟୀ ଅଛନ୍ତି। ଏହି ପରିପ୍ରେକ୍ଷୀରେ ଆସନ୍ତା ୧୦ ତାରିଖରେ ବିଜେପି ଜାତୀୟ ସଭାପତି ତଥା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ.ପି.ନଡ୍ଡା ଓଡ଼ିଶା ଗସ୍ତ ସୂଚୀ ସ୍ଥିର ହୋଇଛି। ତେଣୁ ଶ୍ରୀ ନଡ୍ଡା ଓଡ଼ିଶାରେ ଏହି ପ୍ରସଙ୍ଗରେ ଦଳୀୟ ନେତାମାନଙ୍କ ସହ ଆଲୋଚନା ପରିପ୍ରେକ୍ଷୀରେ ଶ୍ରୀ ଶାହାଙ୍କ ବାର୍ତ୍ତା ଦେଇ ପାରନ୍ତି ବୋଲି ଅନୁମାନ କରାଯାଉଛି। ଶ୍ରୀ ନଡ୍ଡା ଆସନ୍ତା କାଲି ଓଡ଼ିଶାରେ ପହଞ୍ଚିବେ ଓ ୧୧ ତାରିଖରେ ଆୟୁଷ୍ମାନ ଭାରତ ଯୋଜନାର ଲୋକାର୍ପଣ କରିବେ। ପରେ ସେ ବିଜେପିର ପୁରୀ ପ୍ରଶିକ୍ଷଣ ସମାବେଶରେ ଯୋଗଦେବେ। ଏହି ଅବସରରେ ନଡ୍ଡା ରାଜ୍ୟ ବିଜେପିର ବରିଷ୍ଠ ନେତାଙ୍କ ସହ ରୁଦ୍ଧଦ୍ୱାର ବୈଠକ କରିବେ। ବୈଠକରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ, ରାଜ୍ୟ ସଭାପତି ନିର୍ବାଚନ ଏବଂ ବିଭିନ୍ନ ବୋର୍ଡ, ନିଗମ ଓ ଅକାଦେମୀରେ ନିଯୁକ୍ତି ନେଇ କୌଣସି ଠୋସ୍ ନିଷ୍ପତ୍ତି ହୋଇପାରେ ବୋଲି ଆକଳନ କରାଯାଉଛି।

# ନବୀନ ପଟ୍ଟନାୟକ ମହା ମିଛ କହିଛନ୍ତି: ପ୍ରଭାତ ତ୍ରିପାଠୀ



ଭୁବନେଶ୍ୱର: ମିଛ କହିଛନ୍ତି ନବୀନ ପଟ୍ଟନାୟକ। ମୁଁ ବିଜେଡିରେ ନାହିଁ ସେ କହିବା ମହା ମିଛ। ଦଳ ସଭାପତି ଏଭଳି କହିବା ଭୁଲ୍। ଆଜି ସାମ୍ବାଦିକ ସମ୍ମିଳନୀରେ ଏଭଳି କହି ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ କଡ଼ା ଜବାବ ଦେଇଛନ୍ତି ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ। ପ୍ରଭାତ ତ୍ରିପାଠୀ ଆହୁରି କହିଛନ୍ତି, ବିଜେଡିରେ ମୁଁ ନାହିଁ। ଦଳରେ ମୁଁ ନାହିଁ ବୋଲି ନବୀନଙ୍କୁ ଫିଡ୍ ବ୍ୟାକ ଦିଆଯାଇଛି। ୨୦୧୭ରେ ନିଲମ୍ବନ ପ୍ରତ୍ୟାହାର ହୋଇଥିଲା। କେଶ୍ ବିଚାରାଧୀନ ଥିବାରୁ ମାମଲାର ରାୟ ପ୍ରକାଶ ପାଇନି। ତେଣୁ ବିଜେଡି ସଭାପତି ଉଠାଇଲେ। ୨୦୧୯ ନିର୍ବାଚନ ସଭାରେ ନବୀନଙ୍କ ଉପସ୍ଥିତରେ ଭାଷଣ ଦେଇଛି। ୨୦୨୦ ପରେ ଅନେକ କ୍ଷେତ୍ରରେ ଦଳ ପାଇଁ କାମ କରିଛି। ଦଳ ମୋତେ ନିୟୋଜିତ କରିଛି। ୨୦୨୪ ନିର୍ବାଚନରେ ବିଭିନ୍ନ ନିର୍ବାଚନମଣ୍ଡଳୀ ପାଇଁ କାମ କରିଛି। ୨୪ ନିର୍ବାଚନ ସଭାରେ ଦ୍ୱିତୀୟ କ୍ଷମତା କେନ୍ଦ୍ର ମୋତେ ପ୍ରଶଂସା କରିଛ। ମିଡ଼ ନାଇଟ ଅପରେସନରେ ପ୍ରଭାତ ତ୍ରିପାଠୀଙ୍କର ଭୂମିକା ଥିଲା କହିଛନ୍ତି। ପ୍ରଭାତ ତ୍ରିପାଠୀ ଦଳରେ ନାହାନ୍ତି କହିବା ଲୋକ ଦେଖୁଛନ୍ତି। ରାଜ୍ୟସଭା ବିଲ ପାଇଁ ହ୍ୱିପ ନଥିଲା। ସସ୍ମିତ ପାତ୍ର କହିଛନ୍ତି ବିଲ ସପକ୍ଷରେ ଭୋଟ ଦେଇଛନ୍ତି। ଦେବାଶିଷ ଦୂରେଇ ରହିଲେ। ବିଜେଡିର ପକ୍ଷ ନେଇ ବୋଧହୁଏ ଦ୍ୱିତୀୟ କ୍ଷମତା କେନ୍ଦ୍ର ସାଂସଦଙ୍କୁ କହିଥିବେ। ନବୀନ ବାବୁ ସାଂସଦଙ୍କୁ କହିନଥିବେ। ସସ୍ମିତ କହିଲେ ଜଣାପଡ଼ିବ। ୱାକଫ୍ ବିଲ୍ ପ୍ରସଙ୍ଗରୁ ନଜର ହଟାଇବା ଲାଗି ମୋତେ ଟାର୍ଗେଟ୍ କରାଯାଇଛି।

## ମୁହଁ ଖୋଲିଲେନି ସସ୍ମିତ ପାତ୍ର

ୱାକଅଫ ବିଲ୍ ସପକ୍ଷରେ ଭୋଟ୍ ଦେବାକୁ ନେଇ ବିଜେଡିରେ ଲାଗିରହିଥିବା ବିବାଦକୁ ଆହୁରି ସନ୍ଦେହ ଭିତରକୁ ଟାଣିନେଇଛନ୍ତି ସାଂସଦ ସସ୍ମିତ ପାତ୍ର। ତାଙ୍କୁ ବିଲ୍ ସପକ୍ଷରେ କିଏ କହିଥିବା ଭୋଟ ଦେବାକୁ ସେ ନେଇ ଲାଗିରହିଥିବା ବିବାଦକୁ ନେଇ ସେ ତାସକେଣ୍ଟରୁ ଫେରିଲେ ଉତର ରଖିବେ ବୋଲି କହିଥିଲେ। କିନ୍ତୁ ତାସକେଣ୍ଟରୁ ଫେରିବା ପରେ ସେ ଏ ନେଇ କିଛି କହିବେ ନାହିଁ ବୋଲି ରୋକଠୋକ ଗଣମାଧ୍ୟମକୁ କହିଛନ୍ତି। ସେ କହିଛନ୍ତି ଯାହା କହିବେ ଦଳୀୟ ଫୋରମରେ କହିବେ। ଦଳ ଯଦି ତାଙ୍କୁ କହିବାକୁ ସଂକେତ ଦିଏ ତେବେ ସେ ଏ ନେଇ ସୂଚନା ଦେବେ। ତେଣୁ ସସ୍ମିତଙ୍କ ଏପରି ବୟାନ ପରେ ଦଳରେ ଉଠିଥିବା ଝଡ଼ ଆହୁରି ପ୍ରସମିତ ହୋଇପାରେ ବୋଲି ଅନୁମାନ କରାଯାଉଛି।

## ଯେତେ ବିରୋଧ କରାଗଲେ ବି ନବୀନ ପଟ୍ଟନାୟକ ପାଣ୍ଡିଆନଙ୍କୁ ଛାଡ଼ି ପାରିବେନି: ପ୍ରଦୀପ ପୁରୋହିତ



ଭୁବନେଶ୍ୱର: ବିଜେଡି ଆଗକୁ ଖଣ୍ଡ ଖଣ୍ଡ ହୋଇଯିବ। ବରିଷ୍ଠ ନେତାମାନେ ନୂଆ ଦଳ ଗଢ଼ିବାକୁ ମନ ବନେଇସାରିଲେଣି। ଇତିମଧ୍ୟରେ ଦଳର ବରିଷ୍ଠ ନେତାମାନଙ୍କର ୨ରୁ ୩ ବୈଠକ ହୋଇସାରିଲାଣି। ଅଧିକାଂଶ ନେତା ପାଣ୍ଡିଆନଙ୍କୁ ବିରୋଧ କଲେଣି। ସମୟ ଆସିବ ବିଜେଡି ୪ କି ୫ ନୁହେଁ, ବରଂ ଛଅରୁ ୭ ଖଣ୍ଡ ବି ହୋଇପାରେ। ବିଜେଡି ଆଗାମୀ ପଞ୍ଚାୟତ ନିର୍ବାଚନ ଠିକ୍ ଭାବେ ଲଢ଼ିପାରିବ କି ନାହିଁ ସେନେଇ ଦଳ ଭିତରେ ସନ୍ଦେହ ଉପୁଜିଲାଣି। ଆଜି ଏଭଳି ବିସ୍ଫୋରକ ବୟାନ ଦେଇଛନ୍ତି ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ। ସେ ଆହୁରି କହିଛନ୍ତି, ପାଣ୍ଡିଆନଙ୍କ ବିନା ନବୀନ ଅସହାୟ। ସେ କେବଳ ଦସ୍ତଖତ କରନ୍ତି। ଯେତେ ବିରୋଧ କରାଗଲେ ବି ନବୀନ ପାଣ୍ଡିଆନଙ୍କୁ ଛାଡ଼ି ପାରିବେନି।

CMYK

ଆମ ରାଜଧାନୀ

## ସମ୍ପାଦକୀୟ...

# ବିଜେଡ଼ି ବନ୍ଧକମୁକ୍ତ ହେବା ଜରୁରୀ

ନବୀନ ପଟ୍ଟନାୟକ ଯେତେବେଳେ ବିଜୁ ପଟ୍ଟନାୟକଙ୍କ ଆବର୍ତମାନରେ ଆସି ଜନତା ଦଳରୁ ସାଂସଦ ହେଲେ ସେତେବେଳେ ଜାତୀୟ ସ୍ତରରେ ଜନତା ଦଳରେ ସୃଷ୍ଟି ହୋଇଥିବା ଅବସ୍ଥା ସହିତ ଓଡ଼ିଶାର କଂଗ୍ରେସ ଦଳ କ୍ଷମତାସୀନ ଥିବାରୁ ଜନତା ଦଳ କର୍ମୀମାନେ ଭବିଷ୍ୟତ ନେଇ ଆଶଂକାଗ୍ରସ୍ତ ଥିଲେ। ସେହି ଅବସ୍ଥାରେ ଜାତୀୟ ସ୍ତରରେ ବିଜେପି ସ୍ୱର୍ଗତ ବାଜପେୟୀଙ୍କ ନେତୃତ୍ୱରେ ଏକ ଶକ୍ତିଶାଳୀ ଅଣକଂଗ୍ରେସ ଦଳ ଭାବରେ ପ୍ରତିଷ୍ଠା ଲାଭ କରିଥିବାରୁ ଓଡ଼ିଶାରେ ପୁଣିଥରେ ଶାସନ କ୍ଷମତାକୁ ଫେରିବା ପାଇଁ ଜନତା ଦଳର ଅନେକ ନେତା ଜନତା ଦଳର ଜାତୀୟ ବ୍ୟାନରକୁ ଛାଡ଼ି ଏକ ରାଜ୍ୟସ୍ତରୀୟ ଜନତା ଦଳ ନାମରେ ବିଜେପି ସହିତ ମେଂଟ କରିବା ସୁବିଧା ଜନକ ହେବ ବୋଲି ବିଚାର କଲେ। ସେମାନେ ଆଦର୍ଶ ଦୃଷ୍ଟିରୁ ବିଜେପି ଠାରୁ ଭିନ୍ନ ଥିଲେ ମଧ୍ୟ ବିଜେପି ମେଂଟରେ ଜର୍ଜ ଫର୍ନାଣ୍ଡିଜ୍ ଓ ଆଉ କେତେକ ଧର୍ମନିରପେକ୍ଷ ଦଳ ରହିଥିବା ହେତୁ ସେହି ମେଂଟ ସହିତ ରହିଲେ ଅସୁବିଧା ହେବନାହିଁ ବୋଲି ସେମାନେ ବିଚାର କରିଥିଲେ। କିନ୍ତୁ ଓଡ଼ିଶା ପରି ଏକ ରାଜ୍ୟରେ ଏକ ଆଂଚଳିକ ଦଳ ନିମନ୍ତେ ନେତୃତ୍ୱ ଉପରେ ସହମତି ହାସଲ କରିବା ସମ୍ଭବ ହେଉନଥିବାରୁ ବିଜୁ ପଟ୍ଟନାୟକଙ୍କ ପୁତ୍ର ଭାବରେ ନବୀନ ପଟ୍ଟନାୟକ ସେହି ଭୂମିକା ନେଇପାରିବେ ବୋଲି ବିଶ୍ୱାସ ହୋଇଥିଲା। ଯଦିଓ ଓଡ଼ିଶା ରାଜନୀତିରେ ନବୀନ ସମ୍ପୂର୍ଣ୍ଣ ନୂଆ ଥିଲେ, କିନ୍ତୁ ବିଜୁ ପଟ୍ଟନାୟକ ଦୀର୍ଘବର୍ଷ ରାଜନୀତିରେ ଯେଉଁ ସାଂଗଠନିକ ଭିତିଭୂମି ସାରାରାଜ୍ୟରେ ଗଢ଼ିଥିଲେ ଓ ତାହା ସହିତ ରାଜ୍ୟବ୍ୟାପୀ ଅନେକ ଦ୍ୱିତୀୟ ଶ୍ରେଣୀର ନେତା ଚିହ୍ନଟ ହୋଇଥିଲେ ତେଣୁ ନବୀନଙ୍କୁ ନେତୃତ୍ୱ ଦେଇ ବିଜୁ ଜନତା ଦଳ ଗଠନ କରିବା ପାଇଁ ଜନତା ଦଳର ଅନେକ ବିଧାୟକ ରାଜି ହୋଇଗଲେ। ଏଥିରେ କେନ୍ଦ୍ରୀୟ ବିଜେପି ସହିତ ଜର୍ଜ ଫର୍ନାଣ୍ଡିଜ୍‌ଙ୍କ ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଥିଲା। ଯେହେତୁ ୧୯୯୬ ଲୋକସଭା ନିର୍ବାଚନରେ ବିଜେପି ରାଜ୍ୟରେ କୌଣସି ଆସନ ପାଇନଥିଲେ ମଧ୍ୟ ଏହାର ଭୋଟ୍ ଆଧାର ପ୍ରଥମଥର ପାଇଁ ଦୁଇଅଙ୍କ ଅତିକ୍ରମ କରି ଶତକଡ଼ା ୧୪ ରେ ପହଂଚିଥିଲା। ଏପରି ସ୍ଥିତିରେ ବିଜେପି ସହିତ ବିଜୁ ଜନତା ଦଳର ମେଂଟ ନିର୍ବାଚନ ପାଇଁ ବେଶ୍ ନିର୍ଣ୍ଣାୟକ ହେବ ଏହା ସହଜରେ ହିସାବ କରାଯାଉଥିଲା। ବାସ୍ତବିକ ୧୯୯୮ ଲୋକସଭା ନିର୍ବାଚନରେ ତାହା ହିଁ ହେଲା। ନବୀନ ପଟ୍ଟନାୟକ କେନ୍ଦ୍ର ମନ୍ତ୍ରୀମଣ୍ଡଳରେ ସଦସ୍ୟ ହୋଇଗଲେ। ସେ ଖୁବ୍‌ଶୀଘ୍ର ବୁଝିନେଲେ ଯେ, ଜନତା ଦଳ ଭିତରେ କୌଣସି ସର୍ବମାନ୍ୟ ନେତା ନଥିବାରୁ ତାଙ୍କୁ ଏହି ଦଳର ନେତାମାନେ ନେତୃତ୍ୱ ଆସନରେ ବସାଇବା ପାଇଁ ବାଧ୍ୟ ହୋଇଛନ୍ତି। ସେହି କ୍ରମରେ ନିଜ ନେତୃତ୍ୱକୁ ଆହୁରି ମଜବୁତ କରିବା ପାଇଁ ଯେଉଁମାନେ ତାଙ୍କ ନେତୃତ୍ୱ ନେଇ ଟିକେ ପ୍ରଶ୍ନ ପଚାରି ପାରିବେ ସେମାନଙ୍କୁ ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ ୨୦୦୦ ବିଧାନସଭା ନିର୍ବାଚନ ସମୟରେ ଏହି ଗୋଷ୍ଠିର ସବୁଠୁ ଶକ୍ତିଶାଳୀ ନେତା ବିଜୟ ମହାପାତ୍ରଙ୍କୁ ଶେଷ ମୁହୂର୍ତରେ ଦଳର ଟିକେଟରୁ ବଂଚିତ କରିଦେଲେ। କିନ୍ତୁ ନିର୍ବାଚନ ବିଜୟ ଉପରେ ଏହା କୌଣସି ପ୍ରଭାବ ପକାଇଲା ନାହିଁ। ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଆସନରେ ବସିଲାପରେ ଦଳ ଭିତରେ ସାମାନ୍ୟ ପ୍ରଭାବଶାଳୀ ନେତାମାନଙ୍କୁ ସଙ୍କୁଚିତ କରିବା ପ୍ରକ୍ରିୟା ଏପରି କଲେ ଯେ, ଦଳରେ ସେ ଏକକ ନେତୃତ୍ୱ ଭାବରେ ପ୍ରତିଷ୍ଠିତ ହୋଇଗଲେ। ଏହି କ୍ରମରେ ବିଜେପି ସହିତ ମେଂଟ ଭାଙ୍ଗିଲାପରେ ମଧ୍ୟ ଦଳ ପାଇଁ କିଛି ଅସୁବିଧା ହେଲା ନାହିଁ। କ୍ରମାଗତ ଭାବରେ ୫ଟି ନିର୍ବାଚନ ଜିତି ଓଡ଼ିଶା ପାଇଁ ଓ ସାରାଦେଶ ପାଇଁ ସେ ଏକ ନୂଆ ରେକର୍ଡ଼ ସ୍ଥାପନ କଲେ। କିନ୍ତୁ ଯେକୌଣସି ଦଳରେ ଏକକ ନେତୃତ୍ୱ ଦଳ ପାଇଁ ଯେଉଁ ଅସୁବିଧାଗୁଡ଼ିକ ସୃଷ୍ଟି କରେ ତାହା ଗତ ୭ବର୍ଷ ହେଲା ପଦାକୁ ଆସୁଥିଲା। ତାହା ସତ୍ୱେ ୨୦୧୯ ନିର୍ବାଚନରେ ଅସୁସ୍ଥତା ଭିତରେ ସେ ପ୍ରଚାର କରି ଦଳକୁ ଓଡ଼ିଶାରେ କ୍ଷମତାସୀନ କରିବାକୁ ସକ୍ଷମ ହୋଇଥିଲେ। ହେଲେ ଦଳ ଭିତରେ ନୀତିଗତ ବ୍ୟାପାରରେ କୌଣସି ଆଲୋଚନା ସାଂଗଠନିକ ସ୍ତରରେ ନହେବା ଓ ତାଙ୍କର ବ୍ୟକ୍ତିଗତ ସଚିବ ଭି.କେ ପାଣ୍ଡିଆନ୍ ହଠାତ୍ ଅତ୍ୟଧିକ ଶକ୍ତିଶାଳୀ ହୋଇ ଉଭୟ ସରକାର ଓ ଦଳକୁ ପରିଚାଳନା କରି ଚାଲିବା ଫଳରେ କେନ୍ଦ୍ର ସହିତ ସୁସଂପର୍କ ନାଁରେ ମୋଦୀ ସରକାରଙ୍କର ସମସ୍ତ ବିଧେୟକକୁ ବିଜେପି ଆଖିବୁଜି ସମର୍ଥନ କଲା। ବିଶେଷ ଭାବରେ ସିଏଏ ଓ ଦିଲ୍ଲୀ ସର୍ଭିସ୍ ବିଲ୍ କ୍ଷେତ୍ରରେ ମୋଦୀ ସରକାରଙ୍କୁ ପାର୍ଲାମେଂଟରେ ସମର୍ଥନ ଅନେକଙ୍କୁ ବିସ୍ମିତ କରିଦେଇଥିଲା। କିନ୍ତୁ ଏହି ସମର୍ଥନ ଏତେ ଭିତରକୁ ଚାଲିଯାଇଥିଲା ଯେ, ୨୦୨୪ ଲୋକସଭା ଓ ବିଧାନସଭା ନିର୍ବାଚନରେ ରାଜ୍ୟରେ ମୁଖ୍ୟ ବିରୋଧୀ ଦଳ ବିଜେପି ସହିତ ମେଂଟ କରିବାକୁ ଦଳ ଆଗେଇ ଯାଉଥିଲା। ବିଜେପି ଭିତରେ ବିଶ୍ୱାସ ସୃଷ୍ଟି କରିବା ପାଇଁ ନିର୍ବାଚନର ମାତ୍ର ୧ମାସ ପୂର୍ବରୁ ରାଜ୍ୟସଭା ନିର୍ବାଚନରେ ବିଜେପି ପ୍ରାର୍ଥୀ ଅଶ୍ୱିନୀ ବୈଷ୍ଣବଙ୍କୁ ଦଳ ସମର୍ଥନ କଲା। ମେଂଟ ହେଲାନାହିଁ ଓ ଦଳ କ୍ଷମତାଚ୍ୟୁତ ହେଲା। ନିର୍ବାଚନ ବିପର୍ଯ୍ୟୟର ପ୍ରକୃତ କାରଣ ବିଷୟରେ ଦଳ ଆଲୋଚନା ନକରି ନବୀନଙ୍କୁ ଦଳର ନେତା ଭାବରେ ଥିବା ସମର୍ଥନ ବଜାୟ ରଖିଲେ। ଏବେ କ୍ଷମତା ଯିବାର ୯ମାସ ପରେ ପାର୍ଲାମେଂଟରେ ୱାକଫ୍ ବିଲ୍‌କୁ ନେଇ ଯେଉଁ ସଂକଟ ଦେଖାଦେଇଛି ସେଥିରେ ଦଳ ଭିତରେ ଥିବା ସବୁ ଅସନ୍ତୋଷ ପଦାକୁ ଆସିଥିଲେ ମଧ୍ୟ ସବୁ ଆଲୋଚନାକୁ ଦବାଇ ଦେବାପାଇଁ ନବୀନ ଏକ ନୂଆ ପନ୍ଥାର ଆଶ୍ରୟ ନେଇଛନ୍ତି। ସେ ଭଲଭାବରେ ଜାଣନ୍ତି ଯେ, ବିଜେଡ଼ିରେ ତାଙ୍କ ଛଡ଼ା କୌଣସି ବିକଳ୍ପ ନେତୃତ୍ୱ ନାହିଁ। ଦଳର ସଂକେତ ଓ ପାଣ୍ଠି ତାଙ୍କ ହାତରେ ରହିଛି। ତେଣୁ ସେ ବିଜେଡ଼ି ନେତୃତ୍ୱକୁ ବନ୍ଧକରେ ରଖି ଅସନ୍ତୋଷ ଜନିତ ପ୍ରସଙ୍ଗ ଉପରେ ଜବାବ ନଦେଇ ପାଣ୍ଡିଆନ୍‌ଙ୍କ ପ୍ରତି ସମର୍ଥନ ଓ ପୁରୁଖାମାନଙ୍କୁ ନାଲିଆଖି ଦେଖାଇବା କାମ ଆରମ୍ଭ କରିଛନ୍ତି। ବିଜେଡ଼ି ଏହି ବନ୍ଧନରୁ ମୁକ୍ତ ନହେଲେ ଏକ ଶକ୍ତିଶାଳୀ ବିରୋଧୀ ରାଜନୈତିକ ଭାବରେ କିପରି ତିଷ୍ଠି ରହିବ ?

# କଂଗ୍ରେସ ପାଇଁ ସଂଗଠନ ଚାଲେଞ୍ଜ

ରବି ଦାସ

ଏଆଇସିସିର ଏକ ଅଧିବେଶନ ଗୁଜୁରାଟରେ ଶେଷ ହୋଇଛି। ଏଆଇସିସି ହେଉଛି କଂଗ୍ରେସ ଦଳର ସବୁଠାରୁ ବଡ଼ ସାଙ୍ଗଠନିକ ଶକ୍ତି। ଅତୀତରେ କଂଗ୍ରେସ ଦଳ ଯେତେସବୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେଇଛି ସେଗୁଡ଼ିକ ଏଆଇସିସି ଅଧିବେଶନରେ ବିସ୍ତୃତ ଭାବେ ଆଲୋଚିତ ହୋଇ ଦେଶବାସୀଙ୍କ ଆଗରେ ଉପସ୍ଥାପିତ ହୋଇଛି। ସେହି ଦୃଷ୍ଟିରୁ ଏଆଇସିସି ଅଧିବେଶନକୁ କଂଗ୍ରେସ ଦଳ ସର୍ବାଧିକ ଗୁରୁତ୍ୱାରୋପ କରିବା ସ୍ୱାଭାବିକ। ସ୍ୱାଧୀନତା ଆନ୍ଦୋଳନ ସମୟରେ କଂଗ୍ରେସ ହିଁ ଦେଶର ସର୍ବବୃହତ ସଂଗଠନ ଭାବରେ ଦେଶକୁ ବିଦେଶୀ କବଳରୁ ମୁକ୍ତି କରିବା ପାଇଁ ବିଭିନ୍ନ ପର୍ଯ୍ୟାୟରେ ଜନସାଧାରଣଙ୍କ ସ୍ୱାର୍ଥ ସଂପର୍କୀତ ସବୁ ବିଷୟରେ ଆଲୋଚନା କରି ସ୍ୱାଧୀନ ଭାରତରେ ଦେଶ କେଉଁ ଦିଗରେ ଯିବ ତାହାର ମଧ୍ୟ ନକ୍ସା ଏହି ଅଧିବେଶନ ଜରିଆରେ ପ୍ରସ୍ତୁତ କରିଥିଲା। ସ୍ୱାଧୀନତା ପରେ କଂଗ୍ରେସ ଦେଶରେ ସ୍ୱାଭାବିକ ଭାବରେ ସରକାର ଗଠନ କଲା ଓ ସମ୍ବିଧାନ ପ୍ରଣୟନ ହେଲା ପରେ କ୍ରମାଗତ ଭାବରେ ବିଭିନ୍ନ ନିର୍ବାଚନରେ ବିଜୟ ହାସଲ କରି ୧୯୭୭ ପର୍ଯ୍ୟନ୍ତ ଶାସନ କ୍ଷମତାରେ ରହିଥିଲା। ୧୯୭୭ ନିର୍ବାଚନରେ ପରାଜିତ ହେଲାପରେ ପୁଣିଥରେ ୧୯୮୦ ରେ କ୍ଷମତାକୁ ଫେରି ପ୍ରାୟ ୧୯୮୯ ପର୍ଯ୍ୟନ୍ତ କ୍ଷମତାରେ ନିରଙ୍କୁଶ ଭାବେ ରହିଥିଲା। ୧୯୯୦ ରେ ଦେଶରେ ମଣ୍ଡଳ ରାଜନୀତି ସହିତ ଆମ୍ବେଦକର ଚିନ୍ତାଧାରାର ବିକାଶ ଓ ବିଜେପି ପକ୍ଷରୁ ରାମ ମନ୍ଦିର ଆନ୍ଦୋଳନ ଦେଶର ରାଜନୈତିକ ବ୍ୟବସ୍ଥାକୁ ପୁରା ବଦଳାଇ ଦେଇଥିଲା। ତଥାପି ୧୯୯୧ ରୁ ୧୯୯୫ ପର୍ଯ୍ୟନ୍ତ କଂଗ୍ରେସ କେନ୍ଦ୍ରରେ କ୍ଷମତା ପାଇଥିଲା। କିନ୍ତୁ କଂଗ୍ରେସର ଶକ୍ତି ଧିରେ ଧିରେ ରାଜ୍ୟଗୁଡ଼ିକରେ ହ୍ରାସ ହେବା ଘଟଣା ୧୯୬୭ ରେ ଆରମ୍ଭ ହୋଇ ୧୯୯୬ ବେଳକୁ ଏହା ଏପରି ଏକ ରୂପ ନେଲା ଯେଉଁଠାରେ କଂଗ୍ରେସକୁ ସେହି ପୁରୁଣା ଅବସ୍ଥାକୁ ଫେରାଇବା ଅସମ୍ଭବ ହୋଇପଡ଼ିଲା। ୧୯୬୭ ମସିହା ପୂର୍ବରୁ ବିଭିନ୍ନ ରାଜ୍ୟ କଂଗ୍ରେସଗୁଡ଼ିକରେ କ୍ଷମତା ଜନିତ ଆଭ୍ୟନ୍ତରୀଣ ବିବାଦଗୁଡ଼ିକ ଆସିବା ଫଳରେ କେତେକ ପୁରୁଖା କଂଗ୍ରେସ ନେତା କଂଗ୍ରେସ ଛାଡ଼ି ଆଂଚଳିକ ଦଳ ଗଠନ କଲେ। ୧୯୬୯ରେ କଂଗ୍ରେସର ଯେଉଁ ପ୍ରଥମ ବିଭାଜନ ହେଲା ସେତେବେଳେ ପ୍ରଧାନମନ୍ତ୍ରୀ ଆସନରେ ଥିବା ଇନ୍ଦିରା ଗାନ୍ଧୀ ବ୍ୟାଙ୍କ ଜାତୀୟକରଣ ଓ ରାଜା ମହାରାଜାମାନଙ୍କର ହାତପାଣ୍ଠି ଉଚ୍ଛେଦ ପ୍ରସଂଗକୁ ଏପରି ଭାବରେ ଉପସ୍ଥାପିତ କଲେ ଯେ, ୧୯୬୯ ରେ ରାଷ୍ଟ୍ରପତି ନିର୍ବାଚନ ସମୟରେ ଦଳର ଯେଉଁ ବିଭାଜନ କରିଦିଆଗଲା ତାହାକୁ ଲୋକମାନେ ଭୁଲିଯାଇ ଇନ୍ଦିରା ଗାନ୍ଧୀଙ୍କ ସପକ୍ଷରେ ଛିଡ଼ାହେଲେ। ଫଳରେ ୧୯୭୧ ନିର୍ବାଚନରେ ଇନ୍ଦିରା ଗାନ୍ଧୀଙ୍କ ନେତୃତ୍ୱଧୀନ କଂଗ୍ରେସକୁ ବିପୁଳ ସମର୍ଥନ ମିଳିବା ସତ୍ୱେ ସାଙ୍ଗଠନିକ ଦୁର୍ବଳତା ଦୂର ପାଇଁ ପ୍ରୟାସ ନକରି ଇନ୍ଦିରା ଗାନ୍ଧୀଙ୍କ ଏକକ ନେତୃତ୍ୱରେ ଦଳ ସର୍ବଶକ୍ତିମାନ ବୋଲି ବିଚାର କରାଗଲା। ବଙ୍ଗଳାଦେଶ ସୃଷ୍ଟି କରିବାରେ ଇନ୍ଦିରା ଗାନ୍ଧୀଙ୍କ ଭୂମିକା ଯୋଗୁ ୧୯୭୨ ରାଜ୍ୟ ନିର୍ବାଚନଗୁଡ଼ିକରେ କଂଗ୍ରେସ ଦଳ ବସ୍ତୁତଃ ସବୁ ରାଜ୍ୟରେ କ୍ଷମତାକୁ ଆସିବାରେ କିଛି ଅସୁବିଧା ହେଲା ନାହିଁ। କିନ୍ତୁ କଂଗ୍ରେସ ସାଂଗଠନିକ ବ୍ୟବସ୍ଥାରେ ଯେଉଁ ଗଣତାନ୍ତ୍ରିକ ପ୍ରକ୍ରିୟା ଥିଲା ତାହା ଅନେକ ପରିମାଣରେ ଦୁର୍ବଳ ହୋଇଯାଇ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ଏକକ ନେତୃତ୍ୱ ଉପରେ କଂଗ୍ରେସ ନିର୍ଭର କରିଚାଲିଲା। କିନ୍ତୁ ୧୯୭୧ ନିର୍ବାଚନରେ ବିଜୟ ଓ ୧୯୭୨ ରେ ସବୁ ରାଜ୍ୟରେ କଂଗ୍ରେସର କ୍ଷମତାକୁ ପ୍ରତ୍ୟାବର୍ତନ ପରେ ଏହି ଅଣତାନ୍ତ୍ରିକ ବ୍ୟବସ୍ଥା ଉପରେ ଆଲୋଚନା କରାଗଲା ନାହିଁ। ଏହି କ୍ରମରେ ଓଡ଼ିଶାରେ ବିଜୁ ପଟ୍ଟନାୟକଙ୍କ ଭଳି ଜଣେ ପ୍ରଭାବଶାଳୀ ନେତା କଂଗ୍ରେସରୁ ଅଲଗା ହୋଇଗଲେ। ଯେହେତୁ କଂଗ୍ରେସ ହାତରେ ୧୯୮୯ ଓ ପରେ ୧୯୯୫ ପର୍ଯ୍ୟନ୍ତ କେନ୍ଦ୍ରରେ କ୍ଷମତା ସହିତ ଅଧିକାଂଶ ରାଜ୍ୟରେ କ୍ଷମତା ରହିଥିବାରୁ ସାଙ୍ଗଠନିକ ସ୍ତରରେ ଦଳର କେଉଁ ଧରଣର ଦୁର୍ବଳତା ଗ୍ରାସ କରୁଛି ତାହାକୁ ଅନୁଧ୍ୟାନ କରାଗଲା ନାହିଁ। ୨୦୦୪ ରେ କଂଗ୍ରେସ ନେତୃତ୍ୱରେ ୟୁପିଏ କ୍ଷମତାକୁ ଫେରିବା ପରେ ଦଳର ସାଙ୍ଗଠନିକ ଦୁର୍ବଳତାକୁ ସଜାଡ଼ିବା ଦିଗରେ ଆଦୌ ଉଦ୍ୟମ କରାଗଲା ନାହିଁ। ୧୯୯୦ ପରଠାରୁ ଗୁଜୁରାଟ, ଉ ରପ୍ରଦେଶ, ବିହାର ଓ ପଶ୍ଚିମବଙ୍ଗ ପ୍ରଭୃତି ଯେଉଁସବୁ ରାଜ୍ୟରେ କଂଗ୍ରେସ ସରକାର ହରାଇଥିଲା ସେହସବୁ ରାଜ୍ୟରେ ସ୍ଥିତି ବା ସଂଗଠନ କେଉଁ ଭାବରେ ସୁଦୃଢ଼ ହେବ ତାହା ଦୃଷ୍ଟି ଦିଆଗଲା ନାହିଁ। ଯେଉଁ ରାଜ୍ୟଗୁଡ଼ିକରେ କଂଗ୍ରେସ କ୍ଷମତାଚ୍ୟୁତ ହୋଇଥିଲା ସେଗୁଡ଼ିକରେ ଆଉ ସଂଗଠନ ବଢ଼ାଇବା ଦିଗରେ କାର୍ଯ୍ୟ ହେଲାନାହିଁ। ଅନେକ କଂଗ୍ରେସ ଲୋକଙ୍କର ଧାରଣା ଥିଲା ଯେ, କଂଗ୍ରେସ ବ୍ୟତୀତ ଅନ୍ୟ କେହି ଠିକ୍ ଭାବରେ ଦେଶ ଚଳାଇ ପାରିବେନାହିଁ। ଯେପରି ୧୯୭୭ ରେ ଦଳ କ୍ଷମତାଚ୍ୟୁତ ହେଲାପରେ ପୁଣି ୧୯୮୦ ରେ କ୍ଷମତା ଫେରିପାଇଲା ଓ ପୁର୍ନବାର ଭିପି ସିଂ ଓ ଚନ୍ଦ୍ରଶେଖର ସରକାର ଚଳାଇ ନପାରିବାରୁ ରାଜୀବ ଗାନ୍ଧୀଙ୍କ ମୃତ୍ୟୁ ପରେ ୧୯୯୧ରେ ପୁର୍ନବାର କଂଗ୍ରେସ କ୍ଷମତାକୁ ଫେରିଲା ଠିକ୍ ସେହି ପ୍ରକ୍ରିୟା ଦେଶରେ ବରାବର ଚାଲିବ। ତେଣୁ ଚିନ୍ତା କରିବାର କୌଣସି କାରଣ ନାହିଁ ଭାବି କଂଗ୍ରେସ ନେତାମାନେ କ୍ଷମତା ନିଶାରେ ରହିଗଲେ। କିନ୍ତୁ ଏମାନେ ଭୁଲିଗଲେ ଯେ, ସ୍ୱାଧୀନତା ଆନ୍ଦୋଳନର ଏକ ବିରାଟ ଶକ୍ତି ଉପରେ କଂଗ୍ରେସ ଦଳ ଛିଡା ହୋଇଥିଲା ଓ ସ୍ୱାଧୀନତା ପରେ କେବଳ ପଣ୍ଡିତ ନେହରୁ ନୁହଁନ୍ତି ସାରା ଦେଶର ସବୁ ରାଜ୍ୟରେ ଥିବା ପ୍ରଭାବଶାଳୀ ରାଜ୍ୟ ନେତାମାନଙ୍କର ନେତୃତ୍ୱ ସହିତ କଂଗ୍ରେସ ଭିତରେ ପ୍ରତ୍ୟେକ ନିଷ୍ପତି ଗଣତାନ୍ତ୍ରିକ ଉପାୟରେ କରିବା ପାଇଁ ଶକ୍ତିଶାଳୀ ସଂସଦୀୟ ବୋର୍ଡ ତଥା କାର୍ଯ୍ୟକାରୀ କମିଟି ରହିଥିଲା। ହେଲେ ଏହି ବ୍ୟବସ୍ଥାଗୁଡ଼ିକ ଦୁର୍ବଳ କରିଦିଆଯିବା ଓ ରାଜ୍ୟ ନେତାମାନଙ୍କର ମତାମତକୁ ଗୁରୁତ୍ୱ ନଦେଇ ଇନ୍ଦିରା ଗାନ୍ଧୀଙ୍କ ନେତୃତ୍ୱରେ ସୃଷ୍ଟି ହୋଇଥିବା ଏକକ ନେତୃତ୍ୱ ବ୍ୟବସ୍ଥାରେ ରାଜ୍ୟ ଗୁଡ଼ିକରେ ନେତା ମନୋନୟନ ଦ୍ୱାରା କଂଗ୍ରେସ ସଂଗଠନ ଦୁର୍ବଳ ହେବା ପ୍ରକ୍ରିୟା କ୍ରମାଗତ ଭାବରେ ଚାଲିଲା। କେବଳ ସେହି ରାଜ୍ୟମାନଙ୍କରେ କଂଗ୍ରେସ ଦଳ ଏବେ ବି ତିଷ୍ଠି ରହିଛି ଯେଉଁଠାରେ ରାଜ୍ୟସ୍ତରୀୟ ଗ୍ରହଣଯୋଗ୍ୟ ନେତୃତ୍ୱ ରହିଛନ୍ତି।

ସୋନିଆ ଗାନ୍ଧୀଙ୍କ ନେତୃତ୍ୱରେ ୟୁପିଏ ସରକାରର ଏକ ମେଂଟ ସରକାର ୧୦ ବର୍ଷ ଚଳାଇଥିଲେ ମଧ୍ୟ ଦଳର ଦୁର୍ବଳ ହୋଇଯାଉଥିବା ସାଂଗଠନିକ ଢ଼ାଂଚାକୁ ବଦଳାଇବା ଦିଗରେ କୌଣସି ପ୍ରୟାସ କରାଗଲା ନାହିଁ। ଦଳର ସାମାଜିକ ଓ ଆର୍ଥିକ ନୀତିର ଯେଉଁ ପରିବର୍ତନ ଆବଶ୍ୟକ ଥିଲା ତାହା ହୋଇପାରିଲା ନାହିଁ। ଉ ର ଭାରତରେ ଦଳର ମଣ୍ଡଳ ବିରୋଧୀ ଆଭିମୁଖ୍ୟ ଓ କଂଗ୍ରେସ ସହିତ କ୍ରମାଗତ ଭାବରେ ସମର୍ଥନ କରି ଆସୁଥିବା ଦଳିତ ସଂପ୍ରଦାୟକୁ ଉପଯୁକ୍ତ ସମ୍ମାନ ଓ ଥଇଥାନ କରିବାରେ କଂଗ୍ରେସର ଦୁର୍ବଳତା ଯୋଗୁ ପଛୁଆବର୍ଗ ଓ ଦଳୀତମାନଙ୍କ ଭିତରେ କଂଗ୍ରେସର ସଂଗଠନ ଆଉ ବିଶ୍ୱାସ ସୃଷ୍ଟି କରିପାରିଲା ନାହିଁ। ସେହି କାରଣରୁ ୨୦୧୪ ରେ ୟୁପିଏ ସରକାରର ଦୁର୍ନୀତି ସ୍ଲୋଗାନ ବିରୋଧରେ ଆନ୍ଦୋଳନ ସମ୍ଭବ ହେଲା ଓ କଂଗ୍ରେସ ଦଳ ପ୍ରଥମଥର ପାଇଁ ଲୋକସଭାରେ ଏକ ମାନ୍ୟତାପ୍ରାପ୍ତ ଦଳ ଭାବରେ ସ୍ୱୀକୃତି ପାଇଲାନାହିଁ। ୨୦୧୪ ରୁ ୨୦୨୪ ପର୍ଯ୍ୟନ୍ତ କଂଗ୍ରେସ ଲୋକସଭାରେ ମୁଖ୍ୟ ବିରୋଧୀ ଦଳର ମର୍ଯ୍ୟାଦା ନ ପାଇବାପରେ ପ୍ରଥମଥର ପାଇଁ ୨୦୨୪ରେ ଏହା ଏକ ମର୍ଯ୍ୟାଦା ସମ୍ପନ୍ନ ଆସନ ଲୋକସଭାରେ ହାସଲ କରି ମୁଖ୍ୟ ବିରୋଧୀ ଦଳ ହୋଇପାରିଛି। କିନ୍ତୁ ରାଜ୍ୟମାନଙ୍କରେ ଏହାର ସ୍ଥିତି ଯଦି ଦେଖାଯାଏ ତେବେ କେବଳ କର୍ଣ୍ଣାଟକ, ତେଲେଙ୍ଗାନା ଓ ହିମାଂଚଳକୁ ଛାଡ଼ିଦେଲେ ଅନ୍ୟ କୌଣସି ରାଜ୍ୟରେ ଏହାର ନିଜସ୍ୱ ରାଜ୍ୟ ସରକାର ନାହିଁ। ଗତ ନିର୍ବାଚନ ପରେ ୭ଟି ରାଜ୍ୟରେ କଂଗ୍ରେସର କୌଣସି ସାଂସଦ ନାହାନ୍ତି ଓ ୩ଟି ରାଜ୍ୟରେ କଂଗ୍ରେସର ଜଣେ ହେଲେ ବିଧାୟକ ନାହାନ୍ତି। ଯଦିଓ ରାହୁଲ ଗାନ୍ଧୀ ୨୦୨୩ ଭାରତଯୋଡ଼ ଯାତ୍ରା ଓ ପରେ ୨୦୨୪ରେ ଭାରତନ୍ୟାୟ ଯାତ୍ରା ପରେ ବିଜେପି ବିରୋଧୀ ମୁଖ୍ୟ ଦଳମାନଙ୍କୁ ନେଇ ଇଣ୍ଡିଆ ମେଂଟ ଜରିଆରେ ବିଜେପିକୁ ଏକାକୀ କ୍ଷମତା ହାସଲ କରିବା ପ୍ରୟାସକୁ ରୋକି ପାରିଛନ୍ତି ହେଲେ କଂଗ୍ରେସର ସାଂଗଠନିକ ଶକ୍ତି ବଢାଇବାରେ ଦଳର ନିଜସ୍ୱ ପ୍ରୟାସ ପ୍ରଭାବଶାଳୀ ହୋଇପାରିନାହିଁ। ମୋଦୀ ସରକାରର ଅନେକ କାର୍ଯ୍ୟକଳାପ ନେଇ ସାଧାରଣରେ ଅସନ୍ତୋଷ ଥିଲେ ମଧ୍ୟ କଂଗ୍ରେସର ସାଙ୍ଗଠନିକ ଦୁର୍ବଳତା ହେତୁ ଏହା ଯେଉଁ ରାଜନୈତିକ ଓ ପ୍ରସଙ୍ଗ ଭିତିକ ବିଚାର ଲୋକଙ୍କ ନିକଟରେ ପହଂଚାଇବାକୁ ଚାହୁଁଛି ତାହା ପହଂଚି ପାରୁନାହିଁ। ଆର୍ଥିକ ଦୃଷ୍ଟିରୁ ଓ ସମ୍ବଳ ଦୃଷ୍ଟିରୁ ବିଜେପି ଏତେ ଶକ୍ତିଶାଳୀ ଯେ, ତାହାକୁ ସହଜରେ ହଟାଇବା ସହଜ ନୁହେଁ। କେବଳ ଦୃଢ଼ ସାଙ୍ଗଠନିକ ଶକ୍ତି ହିଁ ଲୋକମାନଙ୍କ ନିକଟରେ ବିକଳ୍ପ ଚିନ୍ତା ପାଇଁ ଭାବନା ଆଣିପାରିବ।

ବିଜେପି ପାଇଁ ଏକ ବଡ଼ ଶକ୍ତି ହେଉଛି ଆର୍‌ଏସ୍‌ଏସ୍। ଏହା ଏକ ରାଜନୈତିକ ସଙ୍ଗଠନ ହୋଇନଥିଲେ ମଧ୍ୟ ଏହାର ଭିତିଭୂମି ଉପରେ ବିଜେପି ଛିଡ଼ା ହୋଇଛି। ବିଜେପିରେ କୌଣସି ଅସୁବିଧା ସୃଷ୍ଟି ହେଲେ ଓ ଏହା ଯେଉଁଠାରେ ଲୋକମାନଙ୍କ ଦ୍ୱାରା ଗ୍ରହଣୀୟ ହେଉନାହିଁ ସେଠାରେ ଆର୍‌ଏସ୍‌ଏସ୍ ନିଜର ସାଙ୍ଗଠନିକ ଶକ୍ତି ବଳରେ ବିଜେପି ପାଇଁ ବିଚାର ଆଧାର ଯୋଗାଇ ଦେଉଛି। ଟିକେ ବିଶ୍ଳେଷଣ କଲେ ଆର୍‌ଏସ୍‌ଏସ୍ ବିଭିନ୍ନ କ୍ଷେତ୍ରରେ ବିଜେପିର ମୁରବି ବା ମାର୍ଗଦର୍ଶକ ଭାବରେ କାମ କରୁଛି। ତେଣୁ ବିଜେପି ଯେଉଁଠାରେ ଯେଉଁ ଭୁଲ୍ କରୁଛି ସେଥିରୁ ରକ୍ଷାପାଇ ପୁଣି କିପରି ଲୋକଙ୍କ ଦ୍ୱାରା ଗ୍ରହଣୀୟ ହେବ ସେଥିପାଇଁ ଆର୍‌ଏସ୍‌ଏସ୍ ପଥ ପରିଷ୍କାର କରୁଛି। କଂଗ୍ରେସ ପାଇଁ ସେପରି କିଛି ବ୍ୟବସ୍ଥା ଅନେକ ଦିନରୁ ନାହିଁ। ଗାନ୍ଧିଜୀ ବଂଚିଥିବା ସମୟରେ କଂଗ୍ରେସର ମୁଖିଆ ଭାବରେ କାମ କରି ଦଳକୁ ବିଭିନ୍ନ ଭାବରେ ମାର୍ଗଦର୍ଶନ ଦେଉଥିଲେ। ଗାନ୍ଧିଜୀଙ୍କ ପରେ ମଧ୍ୟ ନେହରୁ ଓ ଅନ୍ୟମାନେ ଜାତୀୟ ସ୍ତରରେ ଓ ରାଜ୍ୟସ୍ତରରେ ଥିବା ନେତାମାନଙ୍କ ସହିତ ବିଚାର ଆଲୋଚନା କରିବାର ପରମ୍ପରାକୁ ରଖିଥିଲେ। ନେହରୁ ସ୍ୱାଧୀନତା ଆନ୍ଦୋଳନ ସମୟରେ ଏପରି ଏକ ସ୍ତରରେ ପହଂଚିଥିଲେ ଯେଉଁଠାରେ କଂଗ୍ରେସ ଦଳ ଭିତରୁ ତାଙ୍କୁ ସିଧାସଳଖ କେହି ଚାଲେଞ୍ଜ କରୁନଥିଲେ। ନେହରୁ ସାଙ୍ଗଠନିକ ବ୍ୟାପାରରେ ନିଜ ମତକୁ ଚପାଇଦେବା ଅପେକ୍ଷା ସମସ୍ତ ବରିଷ୍ଠ ନେତାମାନଙ୍କର ମତାମତକୁ ବିଚାର କରି ନିଷ୍ପତି ନେଉଥିଲେ। କଂଗ୍ରେସ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ସେହି ଅବସ୍ଥାକୁ ଫେରିପାରିବା ଏତେ ସହଜକଥା ନୁହେଁ। କାରଣ ରାହୁଲ କଂଗ୍ରେସରେ ମୁଖ୍ୟ ନେତା ହୋଇଥିଲେ ମଧ୍ୟ ଜନସାଧାରଣଙ୍କ ସ୍ତରରେ ସେହି ସ୍ଥାନରେ ପହଂଚିନାହାନ୍ତି ଯେଉଁଠାରେ ସବୁ ଶ୍ରେଣୀର ଲୋକ ତାଙ୍କ ମତାମତକୁ ଗୁରୁତ୍ୱ ଦେବେ। ଜରୁରୀ ପରିସ୍ଥିତି ସମୟରେ ଦେଶର ସବୁ ରାଜନୈତିକ ଦଳ ଜୟପ୍ରକାଶ ନାରାୟଣଙ୍କ ନେତୃତ୍ୱ ଓ ବିଚାରକୁ ଗ୍ରହଣ କରିନେଇଥିଲେ।

ଗୁଜୁରାଟ ହେଉଛି ଏପରି ଏକ ରାଜ୍ୟ ଯେଉଁଠାରେ କଂଗ୍ରେସ ୧୯୯୦ ପରଠାରୁ କେବେ ବି ରାଜ୍ୟ କ୍ଷମତା ପାଇନାହିଁ। କଂଗ୍ରେସର ସର୍ବୋଚ୍ଚ ନାୟକ ମହାତ୍ମା ଗାନ୍ଧୀଙ୍କ ଓ କଂଗ୍ରେସର ଦ୍ୱିତୀୟ ପ୍ରଭାବଶାଳୀ ନେତା ଭାବରେ ସ୍ୱୀକୃତ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ରାଜ୍ୟ ହେଉଛି ଗୁଜୁରାଟ। କିନ୍ତୁ ସେହି ରାଜ୍ୟରେ ୧୯୬୧ ପରେ ପ୍ରଥମଥର ପାଇଁ କଂଗ୍ରେସ ଦଳ ଏଆଇସିସି କରୁଛି। ୧୯୦୨ ରେ ଗୁଜୁରାଟରେ ଏଆଇସିସିର ପ୍ରଥମ ଅଧିବେଶନ ହୋଇଥିଲା। ସର୍ଦ୍ଦାର ପଟେଲ୍‌ଙ୍କ ପରି କଂଗ୍ରେସର ଜଣେ ମହାନ୍ ନେତାଙ୍କୁ ବିଜେପି ଯେପରି ଭାବରେ କଂଗ୍ରେସ ପ୍ରଭାବରୁ ନେଇ ନିଜର ପ୍ରତୀକ କରିଦେଲେ ତାହାକୁ କଂଗ୍ରେସ ଦଳ ରୋକିପାରିଲା ନାହିଁ। ଏହା ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କର ୧୫୦ ବର୍ଷ ପୂର୍ତି ଓ ଗାନ୍ଧିଜୀ କଂଗ୍ରେସ ସଭାପତି ହେବାର ୧୦୦ ବର୍ଷ ପୂର୍ତି। କଂଗ୍ରେସ ଏବେ ଠାରୁ କେଉଁ ରାସ୍ତାରେ ଯିବ ସେଥିପାଇଁ ଗୁଜୁରାଟ ଅଧିବେଶନର ବାର୍ତା ଭାବରେ ନ୍ୟାୟପଥ: ସଂକଳ୍ପ, ସମର୍ପଣ ଓ ସଂଘର୍ଷ ରଖାଯାଇଛି। ଆଉ ରାଜ୍ୟ ମୁଖ୍ୟଙ୍କ ଉପରେ ପୁରା ଦାୟିତ୍ୱ ନଦେଇ ଜିଲ୍ଲା କଂଗ୍ରେସ ସଂଗଠନକୁ କ୍ଷମତାଶାଳୀ କରିବା ଦିଗରେ ସାଙ୍ଗଠନିକ ପ୍ରସ୍ତାବ ଗୃହୀତ ହେବା କଂଗ୍ରେସକୁ କେତେଦୂର ବଂଚାଇବ ସେଥିପାଇଁ ଅପେକ୍ଷା କରିବାକୁ ପଡ଼ିବ।

ମୋ- ୮୦୧୮୦୯୪୪୫୫

# ପାଣ୍ଡିଆନଙ୍କ ପାଇଁ ସୁରକ୍ଷା କବଚ ସାଜିଲେ ନବୀନ

ଭୁବନେଶ୍ୱର: କାର୍ତ୍ତିକେୟନ୍ ପାଣ୍ଡିଆନ ଉଭୟ ଦଳ ଓ ରାଜ୍ୟ ପାଇଁ ବହୁତ କାମ କରିଛନ୍ତି। ସେ ୧୦ ମାସ ହେଲା ବିଜେଡି ଛାଡ଼ି ସାରିଛନ୍ତି। ସେ ଦଳର କୌଣସି କାମରେ ସଂପୃକ୍ତ ନାହାନ୍ତି। ତେଣୁ ବିଜେଡିର କୌଣସି ନିଷ୍ପତ୍ତି ପାଇଁ ତାଙ୍କୁ ସମାଲୋଚନା ବା ବଦନାମ କରାଯିବା ଉଚିତ ନୁହେଁ। ବିଜେଡିର ଆଭ୍ୟନ୍ତରୀଣ ରାଜନୀତି ଛଅ ଦିନ ଧରି ହଲଚଲ ହେଲା ପରେ ଆଜି ମୁହଁ ଖୋଲିଛନ୍ତି ସଭାପତି ନବୀନ ପଟ୍ଟନାୟକ। ଆଉ ପାଣ୍ଡିଆନଙ୍କ ସୁରକ୍ଷା କବଚ ଭାବେ ହିଁ ସେ ଗଣମାଧ୍ୟମ ସାମନାକୁ ଆସିଛନ୍ତି। ପାଣ୍ଡିଆନଙ୍କୁ କେବଳ ପ୍ରଶଂସା କରିନାହାନ୍ତି, ବରଂ ତାଙ୍କୁ କେ ?ଣସି ପ୍ରକାର ସମାଲୋଚନା ନ କରିବାକୁ ସେ ବିଜେଡି ନେତାମାନଙ୍କୁ ଚେତାବନୀ ଦେଇଛନ୍ତି। ମୋହରା ସଜାଇଛନ୍ତି ବରିଷ୍ଠ ନେତା ପ୍ରଭାତ ତ୍ରିପାଠୀଙ୍କୁ। ତାଙ୍କରି ନାମ ନେଇ କହିଛନ୍ତି, 'ପ୍ରଭାତ ତ୍ରିପାଠୀ ବିଜେଡିରେ ନାହାନ୍ତି। ସେ କିଛି ବର୍ଷ ତଳେ ଦଳରୁ ବହିଷ୍କୃତ ହୋଇଛନ୍ତି। ଚିଟ୍‌ଫଣ୍ଡ୍ ମାମଲାରେ ସଂପୃକ୍ତି ଅଭିଯୋଗରେ ସେ ଜେଲ୍ ଯାଇଥିଲେ।' ପ୍ରଭାତଙ୍କ ନାଁ ନେଇ ଅନ୍ୟ ସବୁ ନେତାଙ୍କୁ ପାଣ୍ଡିଆନଙ୍କୁ କିଛି ନକହିବା ପାଇଁ ନବୀନ ସତର୍କ କରାଇ ଦେଇଛନ୍ତି। କେବଳ ଏତିକିରେ ନବୀନ ଅଟକି ନାହାନ୍ତି। ବରିଷ୍ଠ ନେତାମାନଙ୍କୁ ନାଲି ଆଖି ଦେଖାଇଛନ୍ତି। ହୋଟେଲ୍‌ରେ କୌଣସି ଦଳୀୟ ବୈଠକ ପାଇଁ ସେ ଅନୁମତି ଦେଇ ନାହାନ୍ତି। ବୈଠକ କରିବା ପାଇଁ ଶଙ୍ଖ ଭବନରେ ପର୍ଯ୍ୟାପ୍ତ ଜାଗା ଅଛି। ସେଠାରେ ବୈଠକ ନ କରି ହୋଟେଲ୍‌ରେ ବୈଠକ କରିବା ଉଚିତ ନୁହେଁ ବୋଲି କହିଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟଜନକ ବିଷୟ ହେଉଛି ଯେ ଯେଉଁ ପ୍ରସଙ୍ଗରେ ନେତାମାନେ ନବୀନଙ୍କଠାରୁ ସ୍ପଷ୍ଟୀକରଣ ଓ କାର୍ଯ୍ୟାନୁଷ୍ଠାନ ଚାହୁଁଥିଲେ, ତାହାକୁ ସେ ଛୁଇଁ ନାହାନ୍ତି। ୱକଫ୍ ବିଲ୍ ପ୍ରସଙ୍ଗରେ ବିଜେଡିର ଆଭିମୁଖ୍ୟ ଶେଷ ମୁହୂର୍ତ୍ତରେ କିଏ ଓ କାହିଁକି ବଦଳାଇଥିଲେ, ସେ ସମ୍ପର୍କରେ ନବୀନ କିଛି କହିନାହାନ୍ତି। ଗଣମାଧ୍ୟମକୁ ନବୀନଙ୍କ ପ୍ରତିକ୍ରିୟା ଦେବାର ଶୈଳୀ ବି ଆହୁରି ଆଶ୍ଚର୍ଯ୍ୟଜନକ ଥିଲା। କୌଣସି ଆଞ୍ଚଳିକ ଗଣମାଧ୍ୟମକୁ ସେଠାକୁ ଡକାଯାଇ ନଥିଲା। କେବଳ ଦୁଇଟି ଜାତୀୟ ଏଜେନ୍ସିକୁ ଡାକି ନବୀନ ନିବାସରେ ସେ ଏହି ପ୍ରତିକ୍ରିୟା ଦେଇଥିଲେ। ପରେ ଦଳ ପକ୍ଷରୁ ଏହି ଭିଡିଓ ଗଣମାଧ୍ୟମକୁ ଛଡ଼ାଯାଇଥିଲା। ସାମ୍ବାଦିକଙ୍କ କୌଣସି ପ୍ରଶ୍ନର ଉତ୍ତର ନବୀନ ଦେଇ ନଥିଲେ। ସେ ନିଜେ ଯେତିକି ପ୍ରସ୍ତୁତ ହୋଇଆସିଥିଲେ, ସେତିକି କହିଲେ। ତାହା ପରେ ଭିତରକୁ ଚାଲିଗଲେ। ଏହି ସମୟରେ କେନ୍ଦ୍ରାପଡ଼ା ଜିଲ୍ଲାର ବିଧାୟକ



ଓ ପର୍ଯ୍ୟବେକ୍ଷକ ଜିଲ୍ଲା ପରିଷଦ ଉପସଭାପତି ନିର୍ବାଚନ ନେଇ ଆଲୋଚନା କରିବାକୁ ନବୀନ ନିବାସ ଯାଇଥିଲେ। ହଠାତ ନବୀନ ଗଣମାଧ୍ୟମରେ ପ୍ରତିକ୍ରିୟା ଦେବାକୁ ପୋର୍ଟିକୋ ନିକଟକୁ ଆସିଲା ବେଳେ ସେମାନେ କିଛି ବୁଝିପାରି ନଥିଲେ। କେବଳ ନବୀନଙ୍କ ପଛରେ ଠିଆ ହୋଇ ସୁନା ପିଲା ପରି ସବୁ ଶୁଣିଥିଲେ। ୱକଫ୍ ବିଲ୍ ଭୋଟିଂ ପରଦିନଠାରୁ ଲଗାତାର ଭାବେ ବିଜେଡିର ନେତାମାନେ ଭିନ୍ନ ଭିନ୍ନ ଗୋଷ୍ଠୀ ହୋଇ ମେଳି କରୁଛନ୍ତି। ଆଜି ମଧ୍ୟ ତିନିଟି ଜାଗାରେ ନେତାମାନେ ଏକାଠି ହୋଇଥିଲେ। ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ପ୍ରତି ସମସ୍ତେ ଆନୁଗତ୍ୟ ପ୍ରକାଶ କରୁଥିଲେ ବି ଭିକେ ପାଣ୍ଡିଆନଙ୍କୁ ସହିବା ସ୍ଥିତିରେ ନାହାନ୍ତି ବୋଲି ଜଣାଇ ଦେଇଥିଲେ। କିନ୍ତୁ ଆଜି ଖୋଦ୍ ନବୀନ ଦଳୀୟ ନେତାମାନଙ୍କ ଆନୁଗତ୍ୟକୁ ଗୁରୁତ୍ୱ ଦେଇ ନାହାନ୍ତି। ନବୀନଙ୍କ ଏପରି ଆଭିମୁଖ୍ୟ ପରେ ବରିଷ୍ଠ ନେତାମାନେ କ'ଣ କରିବେ, ତାହା ବୁଝିପାରୁ ନାହାନ୍ତି। ଦଳର ନେତାମାନେ ଗଣମାଧ୍ୟମରେ ବୟାନବାଜି ନ କରିବାକୁ ଗତକାଲି ନବୀନ ତାଗିଦ କରିଥିଲେ। କିନ୍ତୁ ତାହା ସତ୍ତ୍ୱେ ଆଜି ବିଭିନ୍ନ ସ୍ଥାନରେ ନେତାମାନେ ଦଳ ଦଳ ହୋଇ ଏକାଠି ହୋଇଥିଲେ। ଚନ୍ଦ୍ରଶେଖପୁରର ଏକ ହୋଟେଲ୍ ?ରେ ବରିଷ୍ଠ ନେତାମାନେ ଏକାଠି ହୋଇଥିଲେ। ଅନଙ୍ଗଉଦୟ ସିଂହଦେଓ, ପ୍ରସନ୍ନ ଆଚାର୍ଯ୍ୟ, ଅଶୋକ ଚନ୍ଦ୍ର ପଣ୍ଡା, ଶଶୀଭୂଷଣ ବେହେରା, ପ୍ରଫୁଲ୍ଲ ମଲ୍ଲିକ, ପ୍ରଭାତ ତ୍ରିପାଠୀଙ୍କ ସମେତ ଅନ୍ୟ ବରିଷ୍ଠ ନେତାମାନେ ସାମିଲ ହୋଇଥିଲେ। ନବୀନଙ୍କ ନେତୃତ୍ୱକୁ ବାହ୍ୟ ଶତ୍ରୁ ଦୁର୍ବଳ କରିବାକୁ ଚେଷ୍ଟା କରୁଛନ୍ତି। କିନ୍ତୁ ତାହା କରାଯିବାକୁ ଦିଆଯିବ ନାହିଁ ବୋଲି ଗଣମାଧ୍ୟମରେ ଶଶୀଭୂଷଣ ବେହେରା କହିଥିଲେ। ଅନ୍ୟ ପଟେ ପ୍ରତାପ ଦେବଙ୍କ ଘରେ ଅରୁଣ ସାହୁ, ଅତନୁ ସବ୍ୟସାଚୀ ନାୟକ, ସଞ୍ଜୟ ଦାସବର୍ମା, ପ୍ରଣବ ପ୍ରକାଶ ଦାସ ପ୍ରମୁଖ ଏକାଠି ହୋଇଥିଲେ। ସାଂଗଠନିକ ନିର୍ବାଚନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା ବୋଲି ସେମାନେ କହିଥିଲେ। ବିଜେଡି ଏକ ମହାସମୁଦ୍ର। ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ପ୍ରତି କାହାରି ପ୍ରଶ୍ନବାଚୀ ନାହିଁ। ତେଣୁ ଦଳ ଆଗକୁ ମଜଭୁତ ହେବ ବୋଲି ଅରୁଣ ଗଣମାଧ୍ୟମକୁ କହିଥିଲେ। ସେହିପରି ଗତକାଲି ମେଳି କରିଥିବା ଯୁବ ନେତାମାନଙ୍କୁ ଆଜି ମଧ୍ୟ ନବୀନଙ୍କୁ ଭେଟିବାକୁ ସମୟ ଦିଆଯାଇ ନଥିଲା। ତେବେ ସେମାନେ ସଭାପତିଙ୍କୁ ଚିଠି ଲେଖି ୱକଫ୍ ପ୍ରସଙ୍ଗରେ ଅସନ୍ତୋଷ ପ୍ରକାଶ କରିଥିଲେ।

## ମନୋଜ ପରିଡ଼ା ନୂଆ ମୁଖ୍ୟ ସୂଚନା କମିସନର: ଆଉ ୩ ସୂଚନା କମିସନରଙ୍କୁ ନିଯୁକ୍ତି

ଭୁବନେଶ୍ୱର: ଅବସରପ୍ରାପ୍ତ ପ୍ରାଶାସନିକ ଅଧିକାରୀ ମନୋଜ ପରିଡ଼ା ରାଜ୍ୟ ମୁଖ୍ୟ ସୂଚନା କମିସନର ଭାବେ ନିଯୁକ୍ତ ହୋଇଛନ୍ତି। ଏହାସହ ଅବସରପ୍ରାପ୍ତ ଆଇପିଏସ୍ ପ୍ରଣବିନ୍ଦୁ ଆଚାର୍ଯ୍ୟ, ହାଇକୋର୍ଟର ବରିଷ୍ଠ ଆଇନଜୀବୀ କଳ୍ପନା ପଟ୍ଟନାୟକ ଓ ଅବସରପ୍ରାପ୍ତ ପ୍ରାଶାସନିକ ଅଧିକାରୀ ପବିତ୍ର ମଣ୍ଡଳ ସୂଚନା କମିସନର ଭାବେ ନିଯୁକ୍ତି ପାଇଛନ୍ତି। ଏବେ ରାଜ୍ୟ ସୂଚନା କମିସନର କାର୍ଯ୍ୟାଳୟରେ ସୂଚନା କମିସନର ଭାବେ ସୁଶାନ୍ତ ମହାନ୍ତି ଓ ଜଗନ୍ନାଥ ରଥ କାର୍ଯ୍ୟରତ ଅଛନ୍ତି। ୧୯୮୬ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ଶ୍ରୀ ପରିଡ଼ା ଏବେ ଭୁବନେଶ୍ୱରରେ ଇନ୍‌ସ୍ୟୁରାନସ ଓମ୍ବୁଡସ୍‌ମ୍ୟାନ୍ ଭାବେ କାର୍ଯ୍ୟରତ ଅଛନ୍ତି। ଏହା ପୂର୍ବରୁ ସେ ପୁଡୁଚେରୀର ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ତୁଲାଇଥିଲେ। ଓଡ଼ିଶାରେ ଏବେ ମୁଖ୍ୟ ସୂଚନା କମିସନରଙ୍କୁ ମିଶାଇ ସମୁଦାୟ ୬ଜଣ ସୂଚନା କମିସନର ରହିଛନ୍ତି। ବହୁ ଦିନ ପରେ ସୂଚନା କମିସନ କାର୍ଯ୍ୟାଳୟରେ ଧାର୍ଯ୍ୟ ପଦବି ପୂରଣ ହୋଇଛି। ଏ ଦୃଷ୍ଟିରୁ ରାଜ୍ୟରେ ଦୀର୍ଘଦିନ



ଧରି ପଡ଼ି ରହିଥିବା ମାମଲାଗୁଡ଼ିକର ତ୍ୱରିତ ଶୁଣାଣି ହେବ ବୋଲି ଆଶା କରାଯାଉଛି। ଉଲ୍ଲେଖଯୋଗ୍ୟ ଯେ ଗତବର୍ଷ ଅକ୍ଟୋବର ଓ ନଭେମ୍ବର ମାସରେ ରାଜ୍ୟ ସରକାର ମୁଖ୍ୟ ସୂଚନା କମିସନରଙ୍କ ସହ ୪ଜଣ ସୂଚନା କମିସନର ପଦବି ପାଇଁ ବିଜ୍ଞପ୍ତି ଜାରି କରିଥିଲେ। ମୁଖ୍ୟ ସୂଚନା କମିସନର ପଦବି ପାଇଁ ୪୭ ଜଣ ଓ ସୂଚନା କମିସନର ପାଇଁ ୧୮୩ ଜଣ ଆବେଦନ କରିଥିଲେ। ଆବେଦନପତ୍ରର ଉପଯୁକ୍ତ ଯାଞ୍ଚ ପାଇଁ ରାଜ୍ୟ ସରକାର ଉଚ୍ଚ କ୍ଷମତାସଂପନ୍ନ କମିଟି ଗଠନ କରିଥିଲେ। ଚୂଡ଼ାନ୍ତ ତାଲିକା ଆସିବା ପରେ ସରକାର ଆଜି ଏହି ଘୋଷଣା କରିଛନ୍ତି। ଅପରପକ୍ଷରେ ଆସନ୍ତା କିଛି ମାସ ପରେ ସୂଚନା କମିସନର ସୁଶାନ୍ତ ମହାନ୍ତିଙ୍କ କାର୍ଯ୍ୟକାଳ ସରିବ। ଯେହେତୁ ରାଜ୍ୟ ସରକାର ୪ଜଣ ସୂଚନା କମିସନର ପଦବି ପାଇଁ ବିଜ୍ଞପ୍ତି ପ୍ରକାଶ କରିଥିଲେ, ତେଣୁ ଶ୍ରୀ ମହାନ୍ତିଙ୍କ କାର୍ଯ୍ୟକାଳ ସରିବା ପରେ ଆଉ ଗୋଟିଏ ପଦବି ପାଇଁ ରାଜ୍ୟ ସରକାର ନୂଆ ସୂଚନା କମିସନର ନିଯୁକ୍ତି ଦେଇପାରନ୍ତି। ସୂଚନାଧିକାର କର୍ମୀ ଶ୍ରୀକାନ୍ତ ପାକଳ କହିଛନ୍ତି, ରାଜ୍ୟରେ ସରକାର ବଦଳିଛି ସତ, ମାତ୍ର ବ୍ୟବସ୍ଥାରେ କୌଣସି ପରିବର୍ତ୍ତନ ହୋଇନାହିଁ। ଏବେ ସୂଚନା କମିସନ୍‌ରେ ପ୍ରାୟ ୨୨ହଜାର ମାମଲା ପଡ଼ି ରହିଛି। ପୂର୍ବ ସରକାର ଭଳି ଏବର ସରକାର ମଧ୍ୟ ଆଇଏଏସ୍ ଓ ଆଇପିଏସ୍ ଅଧିକାରୀଙ୍କୁ କେବଳ ଏହି ପଦବିରେ ନିଯୁକ୍ତି ଦେଉଛନ୍ତି। ସୂଚନା ଅଧିକାର ଆଇନ ଉପରେ ନଜର ରଖୁଥିବା ବ୍ୟକ୍ତିମାନଙ୍କୁ ଏଥିରେ ନିଯୁକ୍ତି ଦିଆଯାଉ ନ ଥିବାରୁ ଆଇନର ଠିକ୍ ? ଭାବେ ତର୍ଜମା ହୋଇପାରୁନାହିଁ ବୋଲି ଶ୍ରୀ ପାକଳ କହିଛନ୍ତି।

## ଓଡ଼ିଶାରେ ୩ ନୂଆ ଅପରାଧିକ ଆଇନର କାର୍ଯ୍ୟକାରିତାକୁ ନେଇ ସମୀକ୍ଷା



ଭୁବନେଶ୍ୱର: କେନ୍ଦ୍ର ସ୍ୱରାଷ୍ଟ୍ର ଏବଂ ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ ନୂଆଦିଲ୍ଲୀରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ ରାଜ୍ୟରେ ତିନୋଟି ନୂଆ ଅପରାଧିକ ଆଇନର କାର୍ଯ୍ୟକାରିତାକୁ ନେଇ ଏକ ସମୀକ୍ଷା ବୈଠକ କରିଛନ୍ତି। ଏହି ବୈଠକରେ ପୁଲିସ, କାରାଗାର, ଅଦାଲତ, ଦଣ୍ଡବିଧାନ ଏବଂ ଫରେନ୍ସିକ୍ ସମ୍ବନ୍ଧୀୟ ବିଭିନ୍ନ ନୂତନ ବ୍ୟବସ୍ଥାର କାର୍ଯ୍ୟକାରିତା ଏବଂ ବର୍ତ୍ତମାନର ସ୍ଥିତି ସମୀକ୍ଷା କରାଯାଇଥିଲା। ବୈଠକରେ କେନ୍ଦ୍ର ଗୃହ ସଚିବ, ଓଡ଼ିଶାର ମୁଖ୍ୟ ଶାସନ ସଚିବ, ପୁଲିସ ମହାନିର୍ଦ୍ଦେଶକ, ପୁଲିସ ଗବେଷଣା ଓ ବିକାଶ ବ୍ୟୁରୋର ମହାନିର୍ଦ୍ଦେଶକ, ଜାତୀୟ ଅପରାଧ ରେକର୍ଡ ବ୍ୟୁରୋର ନିର୍ଦ୍ଦେଶକଙ୍କ ସମେତ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏବଂ ଓଡ଼ିଶା ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ବୈଠକରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଏବଂ ସମବାୟ ମନ୍ତ୍ରୀ କହିଥିଲେ ଯେ ଓଡ଼ିଶା ସରକାର ଆଗାମୀ ଛଅ ମାସ ମଧ୍ୟରେ ପ୍ରଶାସନର ସମସ୍ତ ସ୍ତରରେ ନୂତନ ଅପରାଧିକ ଆଇନର କାର୍ଯ୍ୟକାରିତାକୁ ପ୍ରାଥମିକତା ଦେବା ଉଚିତ। ଶ୍ରୀ ଶାହ କହିଥିଲେ, ଓଡ଼ିଶାର ବିକାଶ ପାଇଁ ଆଗାମୀ ଦଶନ୍ଧି ଗୁରୁତ୍ୱପୂର୍ଣ୍ଣ। ଭବିଷ୍ୟତରେ ରାଜ୍ୟର ଶିଳ୍ପ ଏବଂ ବୈଷୟିକ ବିକାଶକୁ ଦୃଷ୍ଟିରେ ରଖି ଆଇନ ଶୃଙ୍ଖଳା ସୁଦୃଢ଼ କରିବାରେ ନୂତନ ଅପରାଧିକ ଆଇନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ସ୍ୱରାଷ୍ଟ୍ର ମନ୍ତ୍ରୀ କହିଥିଲେ, ରାଜ୍ୟ ଗୃହ ସଚିବ ସ୍ତରରେ ସପ୍ତାହକୁ ଗୋଟିଏ ଥର ଏବଂ ମୁଖ୍ୟ ସଚିବ ଓ ପୁଲିସ ମହାନିର୍ଦ୍ଦେଶକ ସ୍ତରରେ ପ୍ରତ୍ୟେକ ୧୫ ଦିନ ଏବଂ ମୁଖ୍ୟମନ୍ତ୍ରୀ ମାସରେ ଗୋଟିଏ ଥର ରାଜ୍ୟରେ ନୂଆ ଅପରାଧିକ ଆଇନର କାର୍ଯ୍ୟକାରିତାକୁ ସମୀକ୍ଷା କରିବା ଆବଶ୍ୟକ। ରାଜ୍ୟରେ ଏହି ଆଇନଗୁଡ଼ିକର କାର୍ଯ୍ୟକାରିତା ପାଇଁ ଏକ ସମୟସୀମା ସ୍ଥିର କରିବା ଆବଶ୍ୟକ ବୋଲି ଶ୍ରୀ ଶାହ ପରାମର୍ଶ ଦେଇଥିଲେ।

## ସାମ୍ବାଦିକାଙ୍କୁ ଆକ୍ରମଣ: ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର ପ୍ରଦାନ



ମାଲକାନଗିରି: ପୁରୀ ଶ୍ରୀମନ୍ଦିର ସମ୍ମୁଖରେ ମହିଳା ସାମ୍ବାଦିକା ଓ କ୍ୟାମେରାମ୍ୟାନଙ୍କ ଉପରେ ସେବାୟତଙ୍କ ଆକ୍ରମଣ ଘଟଣାକୁ ନେଇ ଷ୍ଟେଟ ୟୁନିଅନ ଅଫ୍ ଜର୍ନାଲିଷ୍ଟସ (ଏସୟୁଜେ) ମାଲକାନଗିରି ଜିଲ୍ଲା ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଏକ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି। ଚଳିତ ମାସ ୬ ତାରିଖ ରବିବାର ଦିନ ପୁରୀ ଶ୍ରୀମନ୍ଦିର ସମ୍ମୁଖରେ ବଡ଼ ଖବରର ସ୍ଥାନୀୟ ପ୍ରତିନିଧି ଲିନୁ ନାୟକ ଏବଂ ତାଙ୍କ କ୍ୟାମେରାମ୍ୟାନ ଶିବ କିଶୋର ପଲେଇ ଖବର ସଂଗ୍ରହ କରୁଥିବା ବେଳେ ନିଜକୁ ସେବାୟତ କହୁଥିବା କେତେକ ଗୁଣ୍ଡା ଶ୍ରେଣୀର ବ୍ୟକ୍ତି ଲିନୁଙ୍କୁ ଟଣା ଟଣି କରିବା ସହ ଘୋଷରା କରିବା ମାଡ଼ ମାରିଥିଲେ। ଏଥି ସହିତ କ୍ୟାମେରମ୍ୟାନ ଶ୍ରୀ ପଲେଇଙ୍କୁ ତଳେ ପକେଇ ତାଙ୍କ ଉପରେ କେତେକ ସେବାୟତ ଚଢି ଯାଇଥିଲେ। କେବଳ ସେତିକି ନୁହେଁ ସୁଟିଂ କରାଯାଉଥିବା କ୍ୟାମେରା, ଉଭୟ ଙ୍କ ମୋବାଇଲ ଫୋନକୁ ମଧ ଉଦ୍ଧତ ସେବାୟତ ଛଡ଼ାଇ ନେଇଛନ୍ତି। ସେହିପରି ନିଷ୍ଠାର ସହିତ ନିଜର କର୍ତ୍ତବ୍ୟ ସମ୍ପାଦନା କରୁଥିବା କାର୍ଯ୍ୟରତ ସାମ୍ବାଦିକମାନଙ୍କ ଉପରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବିଭିନ୍ନ ସମୟରେ ଆକ୍ରମଣ ହେଉଥିବା ଯୋଗୁଁ ସାମ୍ବାଦିକ ମାନେ ସ୍ୱାଧୀନ ଭାବେ କାମ କରିବା କଷ୍ଟକର ହୋଇପଡିଛି। ଏପରି ସ୍ଥଳେ ସରକାର ଯଥାଶୀଘ୍ର ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରିବାକୁ ମଧ ଷ୍ଟେଟ ୟୁନିଅନ ଅଫ୍ ଜର୍ନାଲିଷ୍ଟସ (ଏସୟୁଜେ) ଦାବି କରିଛି। ଦାବିପତ୍ର ପ୍ରଦାନ ସମୟରେ ଷ୍ଟେଟ ୟୁନିଅନ ଅଫ୍ ଜର୍ନାଲିଷ୍ଟସର ଜିଲ୍ଲା ଶାଖା ସଂଘର ସଭାପତି ଏମ୍. ଅମରେଶ କୁମାର,ସାଧାରଣ ସମ୍ପାଦକ ବଂଶୀଧର ମୁଦୁଲି, ଉପଦେଷ୍ଟା ପ୍ରଭାକର ହନ୍ତାଳଙ୍କ ସହ ଅନ୍ୟ କର୍ମକର୍ତ୍ତା ଓ ସଦସ୍ୟ ମାନେ ଉପସ୍ଥିତ ରହିଥିଲେ।

## ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଦଣ୍ଡାଦେଶ

ଭୁବନେଶ୍ୱର: ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଦଣ୍ଡାଦେଶ ହୋଇଛି। ପୀଡ଼ିତା ଜଣଙ୍କୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ନିର୍ଦ୍ଦେଶ। ପୋକ୍ ?ସୋ ମାମଲାରେ ଅଭିଯୁକ୍ତକୁ ୨୦ ବର୍ଷ ସଜା ଶୁଣାଇଛନ୍ତି କୋର୍ଟ। ଏହାସହ ୧୦ ହଜାର ଜରିମାନା ମଧ୍ୟ ଶୁଣାଇଛନ୍ତି ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ୪ କୋର୍ଟ। ଜରିମାନା ଅନାଦେୟ ୧ ବର୍ଷ ଅଧିକ କାରାଦଣ୍ଡ ପାଇଁ ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ। ଅଭିଯୁକ୍ତ ଜଣଙ୍କ ହେଲା ପି.କ୍ରିଷ୍ଣା.ରାଓ। ୨୦୨୦ ମସିହାରେ ଖୋର୍ଦ୍ଧା ମଡେଲ ଥାନା ଅଧୀନରେ ଘଟିଥିଲା ଏହି ବିଭତ୍ସ ଘଟଣା। ସରକାରୀ ଓକିଲ ଭାବେ ସୁବ୍ରତ ପ୍ରିୟଦର୍ଶୀ ମାମଲା ପରିଚାଳନା କରୁଥିଲେ।

CMYK

# ଭୁବନେଶ୍ୱର ରେଳଷ୍ଟେସନ: ଅକ୍ଟୋବରରେ ପ୍ରଥମ ପର୍ଯ୍ୟାୟ ଲୋକାର୍ପଣ



## ମାଷ୍ଟରକ୍ୟାଣ୍ଟିନ୍ ଓ କଟକରୋଡ୍ ପାର୍ଶ୍ୱ କୋଠା ନିର୍ମାଣ ଶେଷ
## ୧୦୮ ମିଟରର ଏୟାର୍ କନ୍‌କୋର୍ସ ପ୍ରସ୍ତୁତ ହେଉଛି
## ଅନୁମତି ପରେ ଏଲିଭେଟେଡ୍ ଡ୍ରାଇଭ୍ ୱେ କାମ ଆରମ୍ଭ
## ୩୪ଟି ଲିଫ୍ଟ, ୨୦ଟି ଏସ୍କାଲେଟର୍ ସୁବିଧା ଉପଲବ୍ଧ ହେବ

ଭୁବନେଶ୍ୱର: ଭୁବନେଶ୍ୱର ରେଳ ଷ୍ଟେସନର ଦୁଇ ପାର୍ଶ୍ୱ ବିଲ୍‌ଡିଂ (କୋଠା) ନିର୍ମାଣ ସରିଛି। ଷ୍ଟେସନର ପୂର୍ବ(କଟକରୋଡ୍) ପାର୍ଶ୍ୱ ଜି+୩ କୋଠା କାମ ସମ୍ପୂର୍ଣ୍ଣ ହୋଇଛି। ଏବେ ପଶ୍ଚିମ(ମାଷ୍ଟରକ୍ୟାଣ୍ଟିନ୍) ପାର୍ଶ୍ୱ ମୁଖ୍ୟ ପ୍ରବେଶ ପଥର ପ୍ରଥମ ପର୍ଯ୍ୟାୟ କାମ ଶେଷ ହୋଇଛି। ଜି+୧୧ ବିଶିଷ୍ଟ ହେବାକୁ ଥିବା ଏହି କୋଠାର ପ୍ରଥମ ପର୍ଯ୍ୟାୟରେ ଜି+୪ ନିର୍ମାଣ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ସେହି ଅନୁଯାୟୀ ସମସ୍ତ ୪ ମହଲା କାମ ଶେଷ ହୋଇଥିବା ବେଳେ ବିଲ୍‌ଡିଂ ଭିତର କାମ ଯୁଦ୍ଧକାଳୀନ ଭିତ୍ତିରେ କରିବାକୁ ନିଷ୍ପତ୍ତି ନିଆଯାଇଛି। ୩୯୮ କୋଟି ଟଙ୍କାରେ ନିର୍ମାଣ ହେଉଥିବା ଏହି ଷ୍ଟେସନର ପ୍ରଥମ ପର୍ଯ୍ୟାୟ ଲୋକାର୍ପଣ ୨୦୨୫ ଅକ୍ଟୋବରରେ କରିବାକୁ ରେଳ ମନ୍ତ୍ରଣାଳୟ ଲକ୍ଷ୍ୟ ଧାର୍ଯ୍ୟ କରିଛି।

ବିଶ୍ୱସ୍ତରୀୟ ହେବାକୁ ଥିବା ଏହି ଷ୍ଟେସନରେ ବିମାନବନ୍ଦର ପରି ସୁବିଧା ଉପଲବ୍ଧ ହେବ। ସେଥିପାଇଁ ପ୍ଲାଟ୍‌ଫର୍ମଗୁଡ଼ିକ ଉପରେ ୧୦୮ ମିଟରର ଏୟାର କନ୍‌କୋର୍ସ ନିର୍ମାଣ ଚାଲିଛି। ଷ୍ଟେସନର ପୂର୍ବ ଓ ପଶ୍ଚିମ ପାର୍ଶ୍ୱକୁ ସଂଯୋଗ କରୁଥିବା ଏହି କନ୍‌କୋର୍ସ ଛାତ କାମ ଆରମ୍ଭ ହୋଇଛି। ଏଠାରେ ଏକ ହଜାରରୁ ଅଧିକ ଯାତ୍ରୀଙ୍କ ବସିବା ପାଇଁ ବ୍ୟବସ୍ଥା, ଲାଉଞ୍ଜ ସୁବିଧା ଉପଲବ୍ଧ କରାଯାଉଛି। ଉଭୟ ପାର୍ଶ୍ୱରେ ଷ୍ଟେସନ ଭିତରକୁ ପ୍ରବେଶ ଲାଗି ଦୁଇଟି ପ୍ରବେଶ ଓ ପ୍ରସ୍ଥାନ ବାଟ ରହିବ। ଉଦ୍‌ଘାଟନ ପରେ ଷ୍ଟେସନ୍‌ରେ ଦୈନିକ ଯେପରି ୧ ଲକ୍ଷ ଯାତ୍ରୀ ଚଳପ୍ରଚଳ କରିପାରିବେ ସେଥିପ୍ରତି ଧ୍ୟାନ ଦିଆଯାଇଛି। ଏଥିସହ ପ୍ରତିଦିନ ଷ୍ଟେସନ୍‌ରୁ ୭୭ ହଜାର ଯାତ୍ରୀଙ୍କ ଯିବା ଲାଗି ବ୍ୟବସ୍ଥା ହେଉଛି। ଷ୍ଟେସନକୁ ସଂଯୋଗ କରୁଥିବା ଫୁଟ୍ ଓଭରବ୍ରିଜ୍‌ଗୁଡ଼ିକର ଓସାର ଅଧିକ ରହିବ। ଫଳରେ ଯାତ୍ରୀମାନେ ସୁରୁଖୁରରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାଇପାରିବେ। ମାଷ୍ଟରକ୍ୟାଣ୍ଟିନ ପାର୍ଶ୍ୱରେ ଏଲିଭେଟେଡ୍ ଡ୍ରାଇଭ୍ ୱେ ଏବଂ ପ୍ରବେଶ ଓ ପ୍ରସ୍ଥାନ ରାସ୍ତା ନିର୍ମାଣ କରିବାକୁ ବିଡିଏ ଅନୁମତି ଦେଇସାରିଛି। ବିଡିଏ ଦ୍ୱାରା ଆବଣ୍ଟିତ ଜମିରେ ଏଲିଭେଟେଡ୍ ଆପ୍ରୋଚ୍ ଓ ପ୍ରସ୍ଥାନ ରାସ୍ତା ନିର୍ମାଣ ଆରମ୍ଭ ହୋଇଛି। ପୂର୍ବତଟ ରେଳପଥ ଓ ବିଡିଏ ମଧ୍ୟରେ ଯୋଜନାକୁ ଧ୍ୟାନରେ ରଖି ପୁନର୍ବିକାଶ ପ୍ରକଳ୍ପ ହେଉଛି। ଷ୍ଟେସନ ପୁନର୍ବିକାଶର ଏକ ଅଂଶ ଭାବେ ଏହା ପରିସରରେ ପାର୍କିଂ କ୍ଷେତ୍ର ଓ ବାଣିଜ୍ୟିକ ସ୍ଥାନଗୁଡ଼ିକର ବିକାଶ ବିଡିଏ କର୍ତ୍ତୃପକ୍ଷଙ୍କ ସହ ପରାମର୍ଶ କରିବା ପରେ ନିର୍ମାଣ ହେବ। ସେମାନଙ୍କୁ ଦିଆଯାଇଥିବା ଜମିରେ ବାଣିଜ୍ୟିକ କ୍ଷେତ୍ର ବିକାଶ କରିବାକୁ ବିଡିଏ ଯୋଜନା କରୁଛି। ବିଶ୍ୱସ୍ତରୀୟ ମାନଦଣ୍ଡ ସହ ଆଧୁନିକ କୋଠା, ବିମାନବନ୍ଦର ଟର୍ମିନାଲ ଭଳି ଡିଜାଇନ୍ ହୋଇଥିବା ଯାତ୍ରୀ ଚଳପ୍ରଚଳ କ୍ଷେତ୍ର, ସମସ୍ତ ପ୍ଲାଟଫର୍ମକୁ ସଂଯୋଗ କରୁଥିବା ଏୟାର କନକୋର୍ସ, ୩୪ଟି ଲିଫ୍ଟ, ୨୦ଟି ଏସ୍କାଲେଟର, ବ୍ୟାଗେଜ ସୁରକ୍ଷା ଯାଞ୍ଚ କ୍ଷେତ୍ର, ସୂଚନା କେନ୍ଦ୍ର, ଫୁଡ୍ ପ୍ଲାଜା, ପ୍ରତୀକ୍ଷା ଅଞ୍ଚଳ ଓ ଅନ୍ୟାନ୍ୟ ସୁବିଧା ହେଉଛି। ୨୧ଟି ରୁମ୍, ୧୫୦ଟି ଡର୍ମିଟୋରି, ଫୁଡ୍‌କୋର୍ଟ, ପେଡ୍ ଲାଉଞ୍ଜ, ପିଲାଙ୍କ ଖେଳିବା ସୁବିଧା, ଏଟିଏମ୍ ସୁବିଧା ଉପଲବ୍ଧ ହେବ। ପ୍ରବେଶ ଓ ପ୍ରସ୍ଥାନ ପଥରେ ଉଚ୍ଚା ସଡ଼କ ନିର୍ମାଣ କରାଯିବ। ବିଭିନ୍ନ ପ୍ରକାର ସାମଗ୍ରୀ ବିକ୍ରି ଲାଗି ଷ୍ଟଲ ମଧ୍ୟ ଖୋଲାଯିବ। ଯାତ୍ରୀଙ୍କୁ ସୂଚନା ଦେବା ଲାଗି ବିମାନବନ୍ଦର ପରି ଡିସ୍‌ପ୍ଲେ ବୋର୍ଡ ଲାଗିବ। ଦିବ୍ୟାଙ୍ଗଙ୍କ ଯିବା ଆସିବା ଲାଗି ପର୍ଯ୍ୟାପ୍ତ ସୁବିଧା କରାଯିବ। ସୁରକ୍ଷା ପାଇଁ ସିସିଟିଭି, ଲଗେଜ୍ ସ୍କାନର, ଆସେସ୍ କଣ୍ଟ୍ରୋଲର, ପାର୍କିଂ ସ୍ଥଳରେ ବୈଦ୍ୟୁତିକ ଯାନ ଚାର୍ଜି ପାଇଁ ସୁବିଧା ଉପଲବ୍ଧ କରାଯିବ। ଦ୍ୱିତୀୟ ପର୍ଯ୍ୟାୟରେ ୭ ମହଲା ନିର୍ମାଣ ପରେ ଏହା ପୂର୍ଣ୍ଣାଙ୍ଗ ରୂପ ନେବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି।

# ଅତ୍ୟାଧୁନିକ ହେବ ଫୋରେନ୍‌ସିକ୍ ଲାବ୍: ଖୁବ୍ ଶୀଘ୍ର ୨୪୭ଙ୍କୁ ନିଯୁକ୍ତି, ମିଳିବ ୩୬ ଭ୍ୟାନ୍



ଭୁବନେଶ୍ୱର: ସମ୍ପ୍ରତି ହତ୍ୟାକାଣ୍ଡଗୁଡ଼ିକର ତରିକା ବଦଳିବାରେ ଲାଗିଛି। ପୁଲିସକୁ ଚକ୍‌ମା ଦେବାକୁ ଅପରାଧୀମାନେ ନୂଆନୂଆ କୌଶଳ ଅବଲମ୍ବନ କରୁଛନ୍ତି। ତେଣୁ ସେସବୁକୁ ପ୍ରମାଣ କରିବା ପାଇଁ କେବଳ ବୈଷୟିକ ପଦ୍ଧତିର ତଦନ୍ତ ହିଁ ସାହା ଭରସା। ଫଳରେ ଦିନକୁ ଦିନ ରାଜ୍ୟ ଫୋରେନ୍‌ସିକ ସାଇନ୍ସ ଲାବୋରେଟୋରି (ଏସ୍‌ଏଫ୍‌ଏସ୍‌ଏଲ୍)ର ଗୁରୁତ୍ୱ ବଢ଼ିବାରେ ଲାଗିଛି। ମାତ୍ର ଆମ ରାଜ୍ୟର ଏହି ଲାବ୍ ବେଶ୍ ପୁରୁଣା ଏବଂ ଦୁର୍ବଳ ଭିତ୍ତିଭୂମି ଉପରେ ଠିଆହୋଇଛି। ତେଣୁ ବହୁ ସମ୍ବେଦନଶୀଳ ମାମଲାଗୁଡ଼ିକର ତଦନ୍ତ ପାଇଁ ଅନ୍ୟ ରାଜ୍ୟ ଲାବ୍ ଉପରେ ନିର୍ଭର କରିବାକୁ ପଡୁଛି। ଅଭିଯୁକ୍ତର ପରୀକ୍ଷା ପାଇଁ ହେଉ କି ଅନ୍ୟ କେ ?ଣସି ପରୀକ୍ଷା ପାଇଁ ହେଉ, ବାହାର ରାଜ୍ୟକୁ ଯିବା ପାଇଁ ପଡୁଛି।

ଏଣିକି ଏହି ସମସ୍ୟା ଦୂର ହୋଇଯିବ। ଏସ୍‌ଏଫ୍‌ଏସ୍‌ଏଲ୍‌କୁ ଅତ୍ୟାଧୁନିକ କରିବାକୁ ରାଜ୍ୟ ସରକାର ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରିଛନ୍ତି। ଏସ୍‌ଏଫଏସ୍‌ଏଲ୍‌କୁ ସୁଦୃଢ଼ କରିବା ପାଇଁ ଖୁବ୍‌ଶୀଘ୍ର ୩୬ଟି ଅତ୍ୟାଧୁନିକ ଭ୍ୟାନ୍ ଯୋଗାଇଦିଆଯିବ। ମୁଖ୍ୟାଳୟ ସହ ରାଜ୍ୟର ଅନ୍ୟ ଜିଲ୍ଲାରେ ଥିବା ଶାଖାକୁ ଭ୍ୟାନ୍ ପ୍ରଦାନ କରାଯିବ। ସେହିଭଳି ଏଠାରେ କାମ କରୁଥିବା ମାନବ ସମ୍ବଳକୁ ମଧ୍ୟ ସଶକ୍ତ କରାଯିବ। ଏସ୍‌ଏଫ୍‌ଏସ୍‌ଏଲ୍ ପାଇଁ ଆବଶ୍ୟକ ଥିବା ୨୪୭ ପଦବି ସୃଷ୍ଟି ହେବ। ଜଣେ ଜୁନିଅର ଡାଇରେକ୍ଟର, ୨ଜଣ ଡେପୁଟି ଡାଇରେକ୍ଟର, ୨୦ଜଣ ଆସିଷ୍ଟାଣ୍ଟ ଡାଇରେକ୍ଟର, ୬୫ଜଣ ବରିଷ୍ଠ ସାଇଣ୍ଟିଫିକ୍ ଅଧିକାରୀ, ୭୧ଜଣ ସାଇଣ୍ଟିଫିକ୍ ଅଧିକାରୀ, ୨୧ଜଣ ବରିଷ୍ଠ ଫୋରେନ୍‌ସିକ୍ ଆଟେଣ୍ଡାଣ୍ଟ ଏବଂ ୬୭ଜଣ କନିଷ୍ଠ ଫୋରେନ୍‌ସିକ୍ ଆଟେଣ୍ଡାଣ୍ଟ ପଦବି ସୃଷ୍ଟି କରିବା ପାଇଁ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

# ବିଜେଡି: ବୈଠକ ପରେ ବୈଠକ




ଭୁବନେଶ୍ୱର: ସଂସଦର ଉଭୟ ସଦନରେ ୱକ୍‌ଫ ବିଲ୍ ପାରିତ ହୋଇ ବିଜ୍ଞପ୍ତି ହୋଇସାରିଲାଣି। ହେଲେ ରାଜ୍ୟ ସଭାରେ ବିଜେଡିର ବିବେକାନୁମୋଦିତ ମତଦାନ ପ୍ରସଙ୍ଗକୁ ନେଇ ସୃଷ୍ଟି ହୋଇଥିବା ଝଡ଼ ଥମିବାର ନାଁ ଧରୁନାହିଁ। ଗତ ୪ ଦିନ ଧରି ବିଜେଡିର ରାଜ୍ୟ ସଭା ସଦସ୍ୟ, କେତେଜଣ ବରିଷ୍ଠ ଓ କନିଷ୍ଠ ନେତାଙ୍କ ମଧ୍ୟରେ ବାକ୍‌ଯୁଦ୍ଧ ଲାଗିରହିଛି। ଆଉ ଏହାକୁ ନେଇ କେତେବେଳେ ହୋଟେଲରେ ବରିଷ୍ଠ ନେତାଙ୍କ ବୈଠକ ବସୁଛି ତ ଆଉ କେତେବେଳେ ବିଧାୟକଙ୍କ ଘରେ ମେଳି ହେଉଛି। ବିଜେଡିରେ ଏଭଳି ସ୍ଥିତିକୁ ନେଇ ତୃଣମୂଳସ୍ତରରୁ ଆରମ୍ଭକରି ଶୀର୍ଷସ୍ତର ପର୍ଯ୍ୟନ୍ତ ସମସ୍ତଙ୍କ ମନରେ ଏକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ପଟିଆସ୍ଥିତ ଏକ ଘରୋଇ ହୋଟେଲରେ ବିଜେଡି ନେତାଙ୍କ ରୁଦ୍ଧଦ୍ୱାର ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ ନେତା ଶଶିଭୂଷଣ ବେହେରା, ଅଶୋକ ଚନ୍ଦ୍ର ପଣ୍ଡା, ଚନ୍ଦ୍ରସାରଥି ବେହେରା, ନୃସିଂହ ସାହୁ, ଭୂପିନ୍ଦର ସିଂ, ପ୍ରଭାତ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକ ପରେ ଶଶିଭୂଷଣ କହିଛନ୍ତି, ବିଜେଡି ଏକ ଶୃଙ୍ଖଳିତ ଦଳ। ଆମର ନେତା ନବୀନ ପଟ୍ଟନାୟକ। ଯଦି ବାହ୍ୟଶକ୍ତି ଦଳକୁ ଦୁର୍ବଳ କରିବାକୁ ଚେଷ୍ଟାକରନ୍ତି, ସୁପ୍ରିମୋ ଏହାକୁ ବରଦାସ୍ତ କରିବେ ନାହିଁ। ସେ ଆହୁରି କହିଛନ୍ତି, ବିଜେଡି ଏକ ବୃହତ୍ ଆଞ୍ଚଳିକ ଦଳ। ରାଜ୍ୟରେ ଦୀର୍ଘବର୍ଷ ଧରି ଲୋକଙ୍କ ଆସ୍ଥା ଓ ବିଶ୍ୱାସ ଜିଣିଆସିଛି। କୌଣସି ପରିସ୍ଥିତିରେ ବିଜେଡି ପ୍ରତି ଆଞ୍ଚ ଆଣିବାକୁ ଦିଆଯିବନାହିଁ। ନବୀନଙ୍କ ଉପରକୁ ଯିଏ ଆକ୍ଷେପ କରିବ ତାକୁ ଛଡ଼ାଯିବ ନାହିଁ। ଯେଉଁମାନେ ସମସ୍ୟା ସୃଷ୍ଟି କରୁଛନ୍ତି ସେମାନଙ୍କୁ ବାହାର ରାସ୍ତା ଦେଖାଇ ଦିଆଯିବ ବୋଲି ଶଶୀ କହିଛନ୍ତି।

ସେହିପରି ବିଧାୟକ ପ୍ରତାପ ଦେବଙ୍କ ସରକାରୀ ବାସଭବନରେ ବୁଧବାର ମଧ୍ୟାହ୍ନରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ପରେ ବରିଷ୍ଠ ନେତା ଅରୁଣ ସାହୁ କହିଛନ୍ତି, ବିଜେଡି କିଭଳି ଅଧିକ ଶକ୍ତିଶାଳୀ ହେବ ସେନେଇ ଆଲୋଚନା ଚାଲିଛି। ଯେଉଁମାନେ ଦଳରେ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି ସେମାନଙ୍କ ସମ୍ପର୍କରେ ଦଳର ସୁପ୍ରିମୋଙ୍କୁ ଅବଗତ କରାଯିବ। ଆଗକୁ ଦଳ ଅଧିକ ଶକ୍ତିଶାଳୀ ହେବ ବୋଲି ଅରୁଣ କହିଛନ୍ତି।

ପରିପ୍ରେକ୍ଷୀରେ ବୁଧବାର ପୂର୍ବତନ ବିଧାୟକ ଚନ୍ଦ୍ରସାରଥି ବେହେରା, ଦେବୀରଞ୍ଜନ ତ୍ରିପାଠୀ, ପ୍ରଣବ ବଳବନ୍ତରାୟ, ଅଂଶୁମାନ ମହାନ୍ତି, ସମ୍ବିତ୍ ରାଉତରାୟ, ରୁଦ୍ରପ୍ରତାପ ମହାରଥୀ ଓ ବିଷ୍ଣୁବ୍ରତ ରାଉତରାୟ ପ୍ରମୁଖ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଏକ ଚିଠି ଦେଇଛନ୍ତି। ସେଥିରେ ଦଳର ନୀତି ଆଦର୍ଶକୁ କେଉଁମାନେ, କାହିଁକି ଏବଂ କେଉଁ କାରଣରୁ ବିଚ୍ୟୁତ୍ କଲେ ତାହାର ସମୀକ୍ଷାପୂର୍ବକ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ତେବେ ବିଜେଡି ନେତାଙ୍କ ବୈଠକ ପରେ ବୈଠକକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି।

ପ୍ରସଙ୍ଗରେ ଭାଜପାର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି, ବିଜେଡିରେ ଯେଉଁ ବିଶୃଙ୍ଖଳା ଦେଖାଦେଇଛି ତାହା କେବଳ କ୍ଷମତା ପାଇଁ। କ୍ଷମତା ଥିବା ପର୍ଯ୍ୟନ୍ତ ଦଳ ଶୃଙ୍ଖଳିତ ଥିଲା, ଏବେ କ୍ଷମତା ନାହିଁ ତେଣୁ ବାଡ଼ାପିଟା ଚାଲିଛି।

ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି, ବିଜେଡି ଏବେ ବିଜୁଙ୍କ ଚିନ୍ତାଧାରାରୁ ବିଚ୍ୟୁତ ହୋଇସାରିଲାଣି। ଦଳରେ ନୀତି ଆଦର୍ଶ ବୋଲି କିଛି ନାହିଁ। ତେଣୁ ବିଶୃଙ୍ଖଳା ବଢ଼ିଚାଲିଛି। ଯେଉଁମାନେ ଦଳକୁ ପାଣ୍ଡିଆନଙ୍କ କବଳରୁ ରକ୍ଷା କରିବାକୁ ଚାହୁଁଛନ୍ତି ସେମାନେ ସ୍ୱର ଉଠାଉଛନ୍ତି।

ୱକ୍‌ଫ ବିଲ୍ ପ୍ରସଙ୍ଗରେ ଭି.କେ. ପାଣ୍ଡିଆନଙ୍କୁ ନେଇ ଆକ୍ଷେପ କରିବା ପୂର୍ବତନ ବିଜେଡି ବିଧାୟକ ପ୍ରଭାତ ତ୍ରିପାଠୀଙ୍କୁ ମହଙ୍ଗା ପଡ଼ିଛି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଖୋଲାଖୋଲି ଭାବେ ଗଣମାଧ୍ୟମ ସମ୍ମୁଖରେ ପ୍ରଭାତ ଦଳର କେହି ନୁହନ୍ତି ବୋଲି କହିବା ସହ ଚିଟ୍‌ଫଣ୍ଡ ମାମଲାରେ ସେ ଜେଲ୍ ଯିବା କଥା କହିଛନ୍ତି। ଏହି ପରିପ୍ରେକ୍ଷୀରେ ସାମାଜିକ ଗଣମାଧ୍ୟମରେ ପ୍ରଭାତଙ୍କ ଉପରୁ ୨୦୧୭ରେ ବିଜେଡି ପକ୍ଷରୁ ନିଲମ୍ବନ ଆଦେଶ ପ୍ରତ୍ୟାହୃତ ହୋଇଥିବା ଏକ ଚିଠି ଘୂରି ବୁଲୁଛି। ୨୦୧୭ ନଭେମ୍ବର ୧୦ରେ ବିଜେଡି ପକ୍ଷରୁ ରାଜ୍ୟ ସମ୍ପାଦକ ବିଜୟ ନାୟକ ଉକ୍ତ ଚିଠିରେ ଦର୍ଶାଇଛନ୍ତି ଯେ, ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ବାଙ୍କୀ ବିଧାୟକ ପ୍ରଭାତ ତ୍ରିପାଠୀଙ୍କ ନିଲମ୍ବନ ଆଦେଶକୁ ପ୍ରତ୍ୟାହାର କରିଛନ୍ତି। ତେବେ ପ୍ରଶ୍ନ ଉଠୁଛି, ଯଦି ପ୍ରଭାତ ବିଜେଡିରେ ଏବେଯାଏ ଥିଲେ ତେବେ ସେ ଦଳରେ ନ ଥିଲେ ବୋଲି ନବୀନ କିଭଳି ଗଣମାଧ୍ୟମ ଆଗରେ କହିଲେ। ବାସ୍ତବରେ ପ୍ରଭାତଙ୍କ ନିଲମ୍ବନ କଥା ବିଜେଡି ସୁପ୍ରିମୋ ଜାଣିଛନ୍ତି କି ନା ତାହାକୁ ନେଇ ରାଜନୈତିକ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ବିଜେଡିର ରାଜ୍ୟ ସଭା ସଦସ୍ୟ ଓ ଅନ୍ୟ ବରିଷ୍ଠ ନେତାମାନେ ପାଣ୍ଡିଆନଙ୍କୁ ନେଇ ଯେଉଁ ଆକ୍ଷେପ କରିଛନ୍ତି ସେନେଇ ତାଙ୍କ ଉପରେ ଦଳ ପକ୍ଷରୁ କେଉଁ ପ୍ରକାର କାର୍ଯ୍ୟାନୁଷ୍ଠାନ ହେଉଛି ତାହାକୁ ନେଇ ଚର୍ଚ୍ଚା ବଢ଼ିଲାଣି।

ୱକଫ୍ ବିଲ୍‌ରେ ବିଜେଡିର ଭୋଟିଂ ପରେ ଶଙ୍ଖ ଦଳରେ ଏବେ ପୂରା ଗୋଳମାଳିଆ ସ୍ଥିତି ଦେଖାଦେଇଛି। ବୁଧବାର ବିଜେଡିର ଯୁବ ଓ ବରିଷ୍ଠ ନେତାମାନେ ଭିନ୍ନ ଭିନ୍ନ ସ୍ଥାନରେ ବୈଠକ କରିଥିବା ନେଇ ଚର୍ଚ୍ଚା ହେଉଥିବାବେଳେ ଏହି ସମୟରେ ମୁହଁ ଖୋଲିଛନ୍ତି ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ। ସୋସିଆଲ ମିଡିଆ ଏକ୍ସ ପୋଷ୍ଟରେ ଦେବାଶିଷ ଉଲ୍ଲେଖ କରିଛନ୍ତି, ବିଜେଡିରେ ଯୋଗ ଦେଇଥିବା ନୂଆ ନେତାଙ୍କୁ ଦଳର ଇତିହାସ ବିଷୟରେ ଜଣାନାହିଁ। ଦଳ ପ୍ରତିଷ୍ଠା ହେବା ଦିନଠାରୁ ଲକ୍ଷାଧିକ କର୍ମୀ, ବରିଷ୍ଠ ନେତା ବହୁ ସଂଗ୍ରାମ କରି ଏକ ଆଞ୍ଚଳିକ ଦଳକୁ ଜାତୀୟ ସ୍ତରରେ ପହଞ୍ଚାଇପାରିଥିଲେ। ମାତ୍ର ଏବେର କେତେଜଣ ନେତା ନବୀନ ବାବୁଙ୍କ ଆଦର୍ଶ, ଧର୍ମନିରପେକ୍ଷତା ଏବଂ ଓଡ଼ିଶା ପ୍ରତି ପ୍ରତିବଦ୍ଧତା ସହ ଅପରିଚିତ। ସେମାନେ ଆଉ କାହା ଇସାରାରେ ପରିଚାଳିତ। ସ୍ୱାଭିମାନ ନ ଥିବା ସ୍ୱାର୍ଥବାଦୀଙ୍କ ସମ୍ପର୍କରେ ମାତ୍ର ଏତିକି କୁହାଯାଇପାରେ, ସେମାନେ ଦଳ, ଓଡ଼ିଶା କିମ୍ବା ନବୀନ ପଟ୍ଟନାୟକଙ୍କର ନୁହନ୍ତି। ଗତ ନିର୍ବାଚନରେ ବିଜେଡିର ପରାଜୟ ଓଡ଼ିଆ ଅସ୍ମିତା ପାଇଁ ହୋଇଥିଲା। ଆମେ ଜଗନ୍ନାଥ ଦେଶର ଲୋକ। ଆମ ଅସ୍ମିତା ରକ୍ଷା କରିବା ଆମର ମୂଳଲକ୍ଷ୍ୟ ବୋଲି ଦେବାଶିଷ ଉଲ୍ଲେଖ କରିଛନ୍ତି।

CMYK

# ପାଣିରେ ମାତ୍ରାଧିକ ଫ୍ଲୋରାଇଡ୍, ଆଇରନ୍: ନୟାଗଡ଼ରେ ବଢୁଛନ୍ତି କିଡ୍‌ନି ରୋଗୀ



ନୟାଗଡ଼: ପିଇବା ପାଣିକୁ ନେଇ ଏବେ ନୟାଗଡ଼ ଜିଲ୍ଲାରେ ସାଂଘାତିକ ସ୍ଥିତି। କେଉଁଠି ଆଦୌ ପାଣି ଟୋପେ ମିଳୁନି ତ ଆଉ କେଉଁଠି ଫ୍ଲୋରାଇଡ୍ ଓ ଆଇରନ୍‌ମିଶା ପାଣି ପିଇବା ଯୋଗୁ ଲୋକମାନେ କିଡ୍‌ନି ରୋଗ ସହ ଅନ୍ୟାନ୍ୟ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଧୀରେ ଧୀରେ ଏହି ସମସ୍ୟା ଜିଲ୍ଲାର ବିଭିନ୍ନ ବ୍ଲକ୍‌କୁ ବ୍ୟାପିଲାଣି। ବିଶେଷ କରି ଦଶପଲ୍ଲା, ଗଣିଆ, ରଣପୁର ଓ ଭାପୁର ବ୍ଲକ୍ ଅଧିକ ପ୍ରଭାବିତ ହେଉଥିବା ଦେଖିବାକୁ ମିଳୁଛି। ଏ ନେଇ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରୁଥିଲେ ମଧ କିଛି ସୁଫଳ ମିଳୁନାହିଁ। ପରିସ୍ଥିତି ଏପରି ହେଲାଣି ଯେ, ଲୋକମାନେ ଏବେ ନଳକୂପ କିମ୍ବା କୂଅ ପାଣି ବ୍ୟବହାର କରିବା ପାଇଁ ଭୟ କଲେଣି।

ମିଳିଥିବା ସୂଚନା ମୁତାବକ, ଭାପୁର ବ୍ଲକ୍‌ର ବିଡିପୁର, ଫତେଗଡ଼, ରାକମା, ଭାପୁର, କଇଁଥପୋଖରୀ, ପୋଡ଼ାସାହି, ତଳମାଳା, ମାଧପୁର, ପଥରଚକଡ଼ା, ଧାନଚାଙ୍ଗଡ଼ା ଭଳି ଏକାଧିକ ଗାଁର ପରିସ୍ଥିତି ଅତ୍ୟନ୍ତ ସଙ୍ଗିନ। ପାଣିରେ ବହୁଳ ମାତ୍ରାରେ ଫ୍ଲୋରାଇଡ୍ ଓ ଆଇରନ୍ ଆସିବା ଯୋଗୁ ଲୋକମାନଙ୍କ ଦାନ୍ତ ଖରାପ ହେବା ସହ କିଡ୍‌ନି ରୋଗରେ ଆକ୍ରାନ୍ତ ହେଉଛନ୍ତି। ଧାନଚାଙ୍ଗଡ଼ା ଗାଁରେ କିଛି ବର୍ଷ ହେବ କିଡ୍‌ନି ରୋଗରେ ଆକ୍ରାନ୍ତ ହୋଇ ୩୦ରୁ ଅଧିକ ଲୋକଙ୍କର ମୃତ୍ୟୁ ହୋଇଛି। ଏବେ ବି ଏହି ଗାଁରେ ୧୬ ଜଣ କିଡ୍‌ନି ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଅଛନ୍ତି।

ଦଶପଲ୍ଲା ବ୍ଲକ୍ ଅନ୍ତର୍ଗତ ନଛିପୁର ପଞ୍ଚାୟତ ଗୋବର୍ଦ୍ଧନପୁର ଗ୍ରାମରେ ଦିନକୁ ଦିନ କିଡ୍‌ନି ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଛି। ପ୍ରାୟ ୩ ବର୍ଷ ଭିତରେ ଦୁଇ ଜଣ କିଡ୍‌ନି ଆକ୍ରାନ୍ତ ଆଖି ବୁଜିଥିବା ବେଳେ ଏବେ ବି ଗାଁରେ ୬ ଜଣ ଆକ୍ରାନ୍ତ ରହିଛନ୍ତି। ସେହିପରି ରଣପୁର ବ୍ଲକ୍‌ର ବାଉଁଶଗଡ଼ ପଞ୍ଚାୟତର ନୂଆସାହି ଗାଁ, ତାଳକଣି ପଞ୍ଚାୟତର ନରସିଂହପୁର ଓ ଏନ୍‌ଏସି ୱାର୍ଡ-୧୫ର ମାଥାପଦର ଅଞ୍ଚଳରେ ଏମିତି ଅଭିଯୋଗ ଆସୁଛି। ଗଣିଆ ବ୍ଲକ୍‌ରେ ଦିନକୁ ଦିନ କିଡ୍‌ନି ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଦଣ୍ଡିପୁର, ଡଙ୍କାରିସାହି, ଛାମୁଣ୍ଡିଆ, ରାଇଗାଡ଼ିଆ, ରାଜିଙ୍ଗି ଓ ଧୋବାବୋରୋଇ ଆଦି ଗାଁରେ କିଡ୍‌ନି ରୋଗକୁ ନେଇ ଲୋକମାନଙ୍କ ମଧ୍ୟରେ ଏକପ୍ରକାର ଆତଙ୍କ ଖେଳିଯାଇଛି। ବର୍ଷକରେ ଏହି ଗାଁଗୁଡ଼ିକରୁ କିଡ୍‌ନି ରୋଗରେ ୯ ଜଣଙ୍କ ଜୀବନ ଯାଇଥିବା ଜଣାପଡ଼ିଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଏ ନେଇ କିଛି ବି ସ୍ଥାୟୀ ବ୍ୟବସ୍ଥା କରାଯାଉ ନାହିଁ। ଏ ନେଇ ଆର୍‌ଡବ୍ଲୁଏସ୍‌ଏସ୍ ସହକାରୀ ଯନ୍ତ୍ରୀ ସୁବାସ ସ୍ୱାଇଁ କହିଛନ୍ତି ଯେ ଯେଉଁ ଅଞ୍ଚଳରୁ ଏମିତି ଅଭିଯୋଗ ଆସେ ସେଠାରୁ ପାଣି ନମୁନା ସଂଗ୍ରହ କରାଯାଇ ନୟାଗଡ଼ ଓ ଦଶପଲ୍ଲା ପରୀକ୍ଷାଗାରକୁ ପଠାଯାଏ। ପରୀକ୍ଷାରୁ ଯଦି ପାଣିରେ ଫ୍ଲୋରାଇଡ୍ କିମ୍ବା ଆଇରନ୍ ଥିବା ଜଣାପଡ଼େ, ଏହାକୁ ବ୍ୟବହାର କରିବା ପାଇଁ ସଂପୃକ୍ତ ଅଞ୍ଚଳବାସୀଙ୍କୁ ମନା କରାଯାଇଛି। ଏମିତି ସମସ୍ୟା ଜିଲ୍ଲାର କିଛି ନିର୍ଦ୍ଦିଷ୍ଟ ଅଞ୍ଚଳରେ ଦେଖିବାକୁ ମିଳୁଛି। ଏଣୁ ସେମାନଙ୍କୁ କିପରି ସୁବିଧାରେ ପିଇବା ପାଣି ଯୋଗାଇ ଦିଆଯିବ ସେ ନେଇ ପଦକ୍ଷେପ ନିଆଯିବ।

# ରକ୍ତଚନ୍ଦନ କାଠ ଅମୂଲ ମୂଲ: 'ତିତ୍‌ଲି'ରେ ଭାଙ୍ଗିଥିବା ଗଛର କାଠ ବିକ୍ରି ହେଉଛି

ଭୁବନେଶ୍ୱର: ୨୦୧୮ର ବାତ୍ୟା 'ତିତ୍‌ଲି'ରେ ପାରଳାଖେମୁଣ୍ଡି ବନଖଣ୍ଡରେ ୧,୨୬୨ ରକ୍ତଚନ୍ଦନ ଗଛ ଉପୁଡ଼ି ପଡ଼ିଥିଲା। ସେଥିମଧ୍ୟରେ କିଛି ଗଛ ଭାଙ୍ଗିଥିଲା। ତେଣୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଓଡ଼ିଶା ବନ ଉନ୍ନୟନ ନିଗମ(ଓଏଫ୍‌ଡିସି) ଦ୍ୱାରା ସେଗୁଡ଼ିକୁ ସଂଗୃହୀତ



**୩୮ ମେଟ୍ରିକ୍ ଟନ୍‌ରୁ ମିଳିଲାଣି ୧୩.୭୦ କୋଟି**
**ସେପ୍ଟେମ୍ବର ୬ ସୁଦ୍ଧା ବିକ୍ରି ହେବ ୮୧୦ ମେଟ୍ରିକ୍ ଟନ୍**
**ସାଇତି ରଖିବାରେ ଖର୍ଚ୍ଚ ହେଲାଣି ୮ କୋଟିରୁ ଅଧିକ**

ହୋଇଥିଲା। ସୁବ୍ୟବସ୍ଥିତ ଭାବେ ସେଗୁଡ଼ିକୁ କଟାଯାଇ ଖଣ୍ଡ କରାଯାଇଥିଲା। ବିଶ୍ୱ ବଜାରରେ ଏହାର ମୂଲ୍ୟ ଅଧିକ ହୋଇଥିବାରୁ ରାଜ୍ୟ ସରକାର କାଠଗୁଡ଼ିକୁ ନିଲାମ ଡାକି ବିକ୍ରୟ କରିବାକୁ ନିଷ୍ପତ୍ତି ନେଇଥିଲେ। ତେଣୁ ସେଗୁଡ଼ିକରୁ ବକଳ ଓ ପଳଖ ଉତାରିବା ପରେ କେବଳ ମଞ୍ଜ କାଠକୁ ସାଇତି ରଖିଥିଲେ। ୨୦୧୮-୧୯ରୁ ୨୦୨୪-୨୫ ଆର୍ଥିକ ବର୍ଷ ହୋଇଗଲା। ୭ବର୍ଷ ଧରି କାଠଗୁଡ଼ିକୁ ସାଇତି ରଖିବା ପରେ ଏବେ ବିକ୍ରି ଚାଲିଛି। ମୋଟ ୮୧୦.୧୮୯୪ ମେଟ୍ରିକ୍ ଟନ୍ କାଠ ବିକ୍ରି କରିବାକୁ କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ଅନୁମତି ପ୍ରଦାନ କରିଛି। ସେଥିମଧ୍ୟରୁ ତିନୋଟି ପର୍ଯ୍ୟାୟରେ ୩୮.୭୦୮୨ ମେଟ୍ରିକ୍ ଟନ୍ କାଠକୁ ୧୩ କୋଟି ୭୦ ଲକ୍ଷ ୭ ହଜାର ୨୭୯ ଟଙ୍କାରେ ବିକ୍ରି କରାଯାଇଛି। ୨୦୨୫ ସେପ୍ଟେମ୍ବର ୬ ସୁଦ୍ଧା ସମସ୍ତ ରକ୍ତଚନ୍ଦନ କାଠ ବିକ୍ରି କରିବାକୁ ଅନୁମତି ମିଳିଥିବାରୁ ସେଦିଗରେ ପଦକ୍ଷେପ ନିଆଯାଉଛି।

ତେବେ ଚିନ୍ତାର ବିଷୟ ହେଉଛି ଯେ ୩ଟି ପର୍ଯ୍ୟାୟରେ ଯେତିକି ଟଙ୍କା ଆୟ ହୋଇଛି, କାଠଗୁଡ଼ିକର ରକ୍ଷଣାବେକ୍ଷଣରେ ତାହାର ଅଧାରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇଯାଇଥିବା ଜଣାପଡ଼ିଛି। ଗୋଦାମଘର ଭଡ଼ା ବାବଦକୁ ବାର୍ଷିକ ୨୨ ଲକ୍ଷ ୮୪ ହଜାର ୮୦୦ ଟଙ୍କା, ସୁରକ୍ଷା ବାବଦକୁ(ଦୈନିକ ୫ଜଣ) ୪୧ଲକ୍ଷ ୩୯ହଜାର ୫୧୨ ଟଙ୍କା ଓ ୩୮.୬୯ କୋଟି ଟଙ୍କାର କାଠ ପାଇଁ ବାର୍ଷିକ ବୀମା ବାବଦରେ ୬୮ଲକ୍ଷ ୫୨ହଜାର ୮୯୯ ଟଙ୍କା ଖର୍ଚ୍ଚ ହେଉଛି। ମୋଟ ଉପରେ ରକ୍ଷଣାବେକ୍ଷଣ ବାବଦରେ ବାର୍ଷିକ ୧କୋଟି ୩୩ଲକ୍ଷ ୨୧ହଜାର ୨୧୧ ଟଙ୍କା ଖର୍ଚ୍ଚ ହେଉଛି। ୭ବର୍ଷର ହିସାବ ଦେଖିଲେ ରକ୍ଷଣାବେକ୍ଷଣ ବାବଦରେ ଏବେ ସୁଦ୍ଧା ୮ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ ସରିଲାଣି। ଆଉ କେତେ ଦିନରେ କାଠଗୁଡ଼ିକ ଏଭଳି ରହିବ ତାହାକୁ ନେଇ ପ୍ରଶ୍ନ ଉଠିଛି। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତଥ୍ୟ ଅନୁଯାୟୀ ବାତ୍ୟାରେ ନଷ୍ଟ ହୋଇଥିବା ୧୨୬୨ ରକ୍ତଚନ୍ଦନ ଗଛକୁ ୧୧,୧୦୬ ଖଣ୍ଡ କରାଯାଇଥିଲା। ୧୩୦୬.୦୧୧୬ ଘନ ମିଟରର ୧,୧୨୨.୨୦୨୪ ମେଟ୍ରିକ୍ ଟନ୍ କାଠ ଡିପୋକୁ ସ୍ଥାନାନ୍ତର ହୋଇଥିଲା। ସେହି କାଠଗୁଡ଼ିକୁ ପୁନଶ୍ଚ ବକଳ ଓ ପଳଖ ଉତାରିବା ପରେ ୯୨୨.୩୭୯୭ ମେଟ୍ରିକ୍ ଟନ୍‌ର ୧୧,୧୦୬ ଖଣ୍ଡ ମଞ୍ଜ କାଠକୁ ବ୍ରହ୍ମପୁର ନିକଟ ପୋଲୁଡ଼ିବନ୍ଧଠାରେ ଏକ ଭଡ଼ା ଗୋଦାମରେ ରଖାଯାଇଛି। ରାଜ୍ୟ ସରକାରଙ୍କ ସୁପାରିସ କ୍ରମେ କେନ୍ଦ୍ର ସରକାରଙ୍କ ବାଣିଜ୍ୟ ଓ ଶିଳ୍ପ ବିଭାଗ ପକ୍ଷରୁ ଡିଜିଏଫ୍‌ଟି ପ୍ରାରମ୍ଭିକ ପର୍ଯ୍ୟାୟରେ ୮୧୦.୧୮୯୪ ମେଟ୍ରିକ୍ ଟନ୍ ଉପରୁ ରପ୍ତାନି କଟକଣାକୁ କୋହଳ କରିଛନ୍ତି। ସେହି ଅନୁଯାୟୀ ବନ ଉନ୍ନୟନ ନିଗମ ୮୦୯.୭୮୪୪ ମେଟ୍ରିକ୍ ଟନ୍ ରକ୍ତଚନ୍ଦନ କାଠକୁ ବିଶ୍ୱସ୍ତରୀୟ ଇ-ନିଲାମ ଓ ଇ-ଟେଣ୍ଡର ମାଧ୍ୟମରେ ବିକ୍ରି କରିବାକୁ ପଦକ୍ଷେପ ନେଇଛି।

# ଅନ୍ତର୍ଜାତୀୟ ସାଇବର ଠକ ଗ୍ୟାଙ୍ଗ୍‌ର ୯ ଗିରଫ

**ଦୁବାଇରୁ ଅପରେଟ୍ ହେଉଥିଲା ନକଲି ଟ୍ରେଡିଂ ଆପ୍**
**୨୩ଟି ଆକାଉଣ୍ଟରୁ ୧ କୋଟି ୪୧ ଲକ୍ଷ ଟଙ୍କା ଫ୍ରିଜ୍**

ରାଉରକେଲା: ରାଉରକେଲା ସାଇବର ଥାନା ପୁଲିସ ଏକ ଅନ୍ତର୍ଜାତୀୟ ସାଇବର ଠକ ରାକେଟ୍‌ର ପର୍ଦ୍ଦାଫାସ କରିଛି। ନକଲି ଟ୍ରେଡିଂ ଆପ୍ ଖୋଲି ଲୋକଙ୍କୁ ଠକିବା ଅଭିଯୋଗରେ ୯ ଜଣଙ୍କୁ ଗିରଫ କରାଯାଇଛି। ଠକେଇର ମାଷ୍ଟରମାଇଣ୍ଡ ହେଉଛନ୍ତି ଛତିଶଗଡ଼ ରାୟପୁରର କିଶନ ଅଗ୍ରୱାଲ (୨୬) ଓ କୁନାଲ ଅଗ୍ରୱାଲ (୨୫)। ସେମାନଙ୍କ ସହ ଉତ୍ତରାଖଣ୍ଡ ରୁଦ୍ରପ୍ରୟାଗର ଅର୍ଜୁନ ସିଂ (୨୭), ଛତିଶଗଡ଼ ଯଶପୁରର ଗିରିଧାରୀ ସିଂ (୨୪), ଛତିଶଗଡ଼ କୋର୍‌ବା ଜିଲ୍ଲାର ଅଜୟ କୁମାର (୨୫), ଛତିଶଗଡ଼ ବଲୋଦାବଜାରର ସନ୍ଦୀପ ସୋନୀ (୨୮), ଛତିଶଗଡ଼ ଜାଞ୍ଜଗିର-ଚାମ୍ପା ଅଞ୍ଚଳର ସୌମେନ୍ଦ୍ର ସିଂ ରାଜପୁତ (୨୨), ଦୀନେଶ କୁମାର ସାହୁ (୨୫) ଓ ଛତିଶଗଡ଼ ରାୟଗଡ଼ର ଅଭିଜିତ ଭରଦ୍ୱାଜ (୨୭) ଗିରଫ ହୋଇଛନ୍ତି। ଅଭିଯୁକ୍ତମାନଙ୍କର ୨୩ଟି ଆକାଉଣ୍ଟରୁ ୧ କୋଟି ୪୧ ଲକ୍ଷ ଟଙ୍କା ଫ୍ରିଜ୍ କରାଯାଇଛି। ୫ଟି ଲାପଟପ୍, ୩୧ଟି ମୋବାଇଲ୍, ୬୮ଟି ସିମ୍ କାର୍ଡ, ୨ଟି ଜିଓ ଫାଇବର ରାଉଟର, ୨୦ଟି ପରିଚୟପତ୍ର, ୪ଟି ବ୍ୟାଙ୍କ୍ ପାସବୁକ୍, ଓ ଚେକ୍ ବୁକ୍, ୨ଟି ପେନ୍ ଡ୍ରାଇଭ, ୧୯ଟି ଏଟିଏମ୍ ଓ ଡେବିଟ୍ କାର୍ଡ, ଗୋଟିଏ ମାରୁତି ସୁଇଫଟ କାର୍ ଏବଂ ଗୋଟିଏ ସ୍କୁଟର (ସିଜି୧୩ଏଏଟ୍-୦୬୫୯) ଜବତ ହୋଇଛି। ଏ ସଂପର୍କରେ ରାଉରକେଲା ପୁଲିସ ଜିଲ୍ଲା କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ ଓ ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ ସୂଚନା ଦେଇଛନ୍ତି। ପାନପୋଷ ଏସ୍‌ଡିପିଓ ଅସିତ ମହାନ୍ତି ଉପସ୍ଥିତ ଥିଲେ।

କିଛି ଦିନ ତଳେ ରାଉରକେଲା ସିଭିଲ୍ ଟାଉନସିପ୍ ଅଞ୍ଚଳର ଏକ ଘରେ କିଛି ଯୁବକ ଆସି ଭଡ଼ାରେ ରହୁଥିଲେ। ମଙ୍ଗଳବାର ରଘୁନାଥପାଲି ପୁଲିସ ଉକ୍ତ ଭଡ଼ାଘରେ ଚଢ଼ଉ କରି ୨ ଜଣ ଯୁବକଙ୍କୁ ଉଠାଇ ନେଇଥିଲା। ପଚରାଉଚରା ପରେ ବାସନ୍ତୀ କଲୋନିର ଡିଏଲ୍ ଅଞ୍ଚଳରେ ଏକ ଭଡ଼ା ଘରେ ଆଉ ୫ ଜଣ ଯୁବକ ଥିବା ଜାଣିବାକୁ ପାଇଥିଲା ପୁଲିସ। ସେମାନଙ୍କୁ ମଧ ଉଠାଇଆଣି ପଚରାଉଚରା କରାଯାଇଥିଲା। ସେମାନେ ଛତିଶଗଡ଼ ରାୟପୁରର କିଶନ ଅଗ୍ରୱାଲ ଓ କୁନାଲ ଅଗ୍ରୱାଲଙ୍କ ପାଇଁ କାମ କରୁଥିବା ଜଣାପଡ଼ିଥିଲା। ପୁଲିସ ଯୋଜନାବଦ୍ଧ ଭାବେ ରାଉରକେଲାରେ ଅଟକ ଯୁବକଙ୍କ ଦ୍ୱାରା ଦୁଇଭାଇଙ୍କୁ ରାଉରକେଲା ଡକାଇଥିଲା। ପରେ ଏହି ଅନ୍ତର୍ଜାତୀୟ ସାଇବର ଠକେଇର ଖିଅ ଖୋଳିବା ଆରମ୍ଭ କରିଥିଲା। ଜଣାପଡ଼ିଲା ଯେ କିଶନ ଅଗ୍ରୱାଲ ୟୁଏଇରେ ବସି ଫେକ୍ ଟ୍ରେଡିଂ ଆପ୍ 'ଟ୍ରେଡ୍ ନାଓ' ଚଳାଉଥିଲା। ଏଥିରେ ସାନଭାଇ କୁନାଲ ତାକୁ ସହଯୋଗ କରୁଥିଲା। ପୁଲିସ ହାତରେ ଧରାପଡ଼ିଯିବା ଭୟରେ ସେମାନେ ଦୁବାଇରୁ ଆପ୍ ଅପରେଟ୍ କରୁଥିଲେ। ଏହି ଗ୍ୟାଙ୍ଗ୍ ନାଁରେ ଦେଶବ୍ୟାପୀ ୨୭ଟି ମାମଲା ରହିଛି।

# ରାଉରକେଲାରେ ଦୁଇଟି ହତ୍ୟାକାଣ୍ଡ: ଦୁଇ ଯୁବକ ମୃତ, ଜଣେ ଗୁରୁତର

ରାଉରକେଲା: ଗତକାଲି ବିଳମ୍ବିତ ରାତିରେ ରାଉରକେଲା ସହରରେ ଦୁଇଟି ହତ୍ୟାକାଣ୍ଡ ଘଟିଯାଇଛି । ଛେଣ୍ଡ କୋଅପରେଟିଭ କଲୋନିର ମୁକେଶ କରଙ୍କୁ ଗୋଡେଇ ଗୋଡେଇ ହତ୍ୟା କରାଯାଇଛି । ତାଙ୍କର ଅନ୍ୟ ଜଣେ ସାଙ୍ଗ ଗୁରୁତର ହୋଇଛନ୍ତି । ଏଣେ ରାଉରକେଲା ଗାନ୍ଧୀରୋଡରେ ଜଣେ ଜରି ଗୋଟାଳିକୁ ବେକ କାଟି ନିର୍ମମ ଭାବେ ହତ୍ୟା କରାଯାଇଛି।

ଛେଣ୍ଡ କୋଅପରେଟିଭ କଲୋନିର ମୁକେଶ କରଙ୍କୁ ଗୋଡେଇ ଗୋଡେଇ ହତ୍ୟା କରାଯାଇଛି। ତାଙ୍କର ଅନ୍ୟ ଜଣେ ସାଙ୍ଗ ଗୁରୁତର ହୋଇଛନ୍ତି । ଏଣେ ରାଉରକେଲା ଗାନ୍ଧୀରୋଡରେ ଜଣେ ଜରି ଗୋଟାଳିକୁ ବେକ କାଟି ନିର୍ମମ ଭାବେ ହତ୍ୟା କରାଯାଇଛି। ଏ ଦୁଇ ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ପୁଲିସ ଉଭୟ ହତ୍ୟାକାଣ୍ଡର ତଦନ୍ତ ଆରମ୍ଭ କରିଛି।

# ପୁଣି ଶାନ୍ତି ପ୍ରସ୍ତାବ ଦେଲେ ନକ୍ସଲ: ଆଲୋଚନା ପାଇଁ ସୁସ୍ଥ ପରିବେଶ ସୃଷ୍ଟି କରିବାକୁ ନିବେଦନ

ମାଲକାନଗିରି: ଲଢ଼ିବା ପାଇଁ ଶକ୍ତି ନାହିଁ। ତେଣୁ ସରକାରଙ୍କ ସହ ବୁଝାମଣା କରିବାକୁ ବ୍ୟାକୁଳ ନକ୍ସଲ ସଂଗଠନ। ସପ୍ତାହକ ମଧ୍ୟରେ ଦ୍ୱିତୀୟ ଥର ଶାନ୍ତି ଆଲୋଚନା ଲାଗି ପ୍ରସ୍ତାବ ଦେଇଛନ୍ତି। ପଶ୍ଚିମ ବସ୍ତର ଡିଭିଜନାଲ୍ କମିଟି ସଚିବ ରୂପେଶ ପ୍ରେସ୍ ବିବୃତିରେ ଶାନ୍ତିବାର୍ତ୍ତା ନିମନ୍ତେ ପ୍ରୟାସ ଆରମ୍ଭ କରାଯାଉ ବୋଲି ଅନୁରୋଧ କରିଛନ୍ତି। ସଂଗଠନର କେନ୍ଦ୍ରୀୟ କମିଟି ଓ ଷ୍ଟେଟ କମିଟି ସଦସ୍ୟ ଏବେ ସୁରକ୍ଷିତ ନାହାନ୍ତି। ତେଣୁ ସରକାର ନେଉଥିବା ପଦକ୍ଷେପର କୌଣସି ଉତ୍ତର ଦେଇପାରିନୁ। ସୁରକ୍ଷା କାରଣରୁ ଗଣମାଧ୍ୟମରୁ ହିଁ ସରକାରଙ୍କ ପଦକ୍ଷେପ ବିଷୟରେ ଅବଗତ ହେଉଛୁ। ସରକାରଙ୍କ ସହ ଆଲୋଚନା ପାଇଁ ଆମେ ପ୍ରସ୍ତୁତ ଅଛୁ। କିନ୍ତୁ କଗାର ନାଁରେ ଚାଲିଥିବା ହତ୍ୟାକାଣ୍ଡକୁ ପ୍ରଥମେ ବନ୍ଦ କରାଯାଉ। ଆଲୋଚନା ନିମନ୍ତେ ସୁସ୍ଥ ପରିବେଶ ମଧ ସୃଷ୍ଟି କରାଯାଉ। ଏହି ବିଷୟରେ ସମସ୍ତ କମ୍ରେଡ୍‌ଙ୍କୁ ସୂଚନା ଦିଆଯାଇଛି। ସଦସ୍ୟମାନେ ଏମିତି କାମ କରିବେ ନାହିଁ ଯାହା ଶାନ୍ତି ଆଲୋଚନାକୁ ପ୍ରଭାବିତ କରିବ, ସେଥିପ୍ରତି ଅତ୍ୟଧିକ ଗୁରୁତ୍ୱ ଦିଆଯାଇଛି। ତେବେ ଛତିଶଗଡ଼ ଗୃହମନ୍ତ୍ରୀ ବିଜୟ ସିଂଙ୍କ ବୟାନ ଗ୍ରହଣୀୟ ନୁହେଁ। ସେ ଅପରେସନ୍ କଗାରକୁ ଜାରି ରଖିବେ ବୋଲି କହିଛନ୍ତି। ଯଦି ଅପରେସନ୍ ଜାରି ରହିବ ତେବେ ଆଲୋଚନା ପାଇଁ କେବେ ବି ବାଟ ଫିଟିବ ନାହିଁ ବୋଲି ରୂପେଶ ସ୍ପଷ୍ଟ କରିଛନ୍ତି। ଯବାନଙ୍କୁ ଆମେ ଭାଇ ବୋଲି ସମ୍ବୋଧନ କରୁଛୁ। ସେମାନଙ୍କୁ କେବେ ମଧ ଶତ୍ରୁ ବୋଲି ଭାବିନାହୁଁ। ତେଣୁ ଆମ ଉପରେ ଗୁଳି ଚଳାଇବା ବନ୍ଦ କରନ୍ତୁ। ବର୍ଷକ ମଧ୍ୟରେ ବହୁ ହିଂସାକାଣ୍ଡ ଘଟିଛି। ବହୁ ଲୋକଙ୍କ ଜୀବନ ଗଲାଣି। ଏଥର ତାହା ବନ୍ଦ ହେଉ। ଶାନ୍ତି ଆଲୋଚନା ପାଇଁ ସଂଗଠନ ପ୍ରସ୍ତୁତ ଅଛି। ସରକାର ଯେତେବେଳେ ଆଉ ଯେଉଁଠି ଚାହିବେ ସେଠାକୁ ଆସି କଥାବାର୍ତ୍ତା କରିବୁ। ସେହିପରି ଗ୍ରାମାଞ୍ଚଳର ଲୋକଙ୍କ ମଧ୍ୟରେ ରହିଥିବା ଭୟକୁ ଦୂର କରିବା ଉଚିତ ବୋଲି ପରାମର୍ଶ ଦେଇଛନ୍ତି। ଶାନ୍ତି ଆଲୋଚନା ପାଇଁ ଆମେ ସ୍ଥାନୀୟ ନେତାଙ୍କ ମଧ ସହଯୋଗ ଲୋଡ଼ିବୁ। ସେମାନେ କ'ଣ କହୁଛନ୍ତି ତାହାରି ଉପରେ ଆମର ନଜର ରହିଛି। ସବୁବର୍ଗର ଲୋକେ ଆଲୋଚନା ନିମନ୍ତେ ସରକାରଙ୍କୁ ଅନୁରୋଧ କରନ୍ତୁ। ନକ୍ସଲ ଛତିଶଗଡ଼ ଛାଡ଼ି ଅନ୍ୟରାଜ୍ୟକୁ ଚାଲିଗଲେ ବୋଲି ପୁଲିସ ଯେଉଁ ପ୍ରଚାର କରୁଛି ତାହା ମିଛ। କେ ?ଣସି ପରିସ୍ଥିତିରେ ଆମେ ରାଜ୍ୟ ଛାଡ଼ିବୁ ନାହିଁ। ଯାହାର ଉଦାହରଣ ହେଲେ କମ୍ରେଡ୍ ରେଣୁକା। ସ୍ୱାସ୍ଥ୍ୟ ଖରାପ ସତ୍ତ୍ୱେ ସ୍ଥାନ ଛାଡ଼ିନଥିଲେ, ଯାହାଫଳରେ ପୁଲିସ ଗୁଳିର ଶିକାର ହେଲେ। ସଂଗଠନ ଦୁଇଟି ସ୍ଥାନରେ ଭୁଲ କରିଥିବାରୁ କ୍ଷମା ପ୍ରାର୍ଥନା କରିଛନ୍ତି ରୂପେଶ।

# ଦୁଇ ଦିନ କାଳବୈଶାଖୀ ସମ୍ଭାବନା

ଭୁବନେଶ୍ୱର: ଲଘୁଚାପ ପ୍ରଭାବରେ ଓଡ଼ିଶା ପାଗରେ ସାମାନ୍ୟ ପରିବର୍ତ୍ତନ ଆସିଛି। ଦିନର ତାପମାତ୍ରା ୨ରୁ ୩ ଡିଗ୍ରି ପର୍ଯ୍ୟନ୍ତ ହ୍ରାସ ପାଇଛି। ବୌଦ୍ଧ ବ୍ୟତୀତ ରାଜ୍ୟର ସମସ୍ତ ସହରରେ ଦିନର ତାପମାତ୍ରା ୪୦ ଡିଗ୍ରି ତଳକୁ ଖସି ଆସିଛି। ଅଧିକାଂଶ ସ୍ଥାନରେ ଆକାଶ ମେଘାଚ୍ଛନ୍ନ ରହିବା ସହ କୋରାପୁଟ, ରାୟଗଡ଼ା, ଦେବଗଡ଼, କଳାହାଣ୍ଡି ଜିଲ୍ଲାରେ ବର୍ଷା ହୋଇଛି। କୋରାପୁଟ ଜିଲ୍ଲାର ବନ୍ଧୁଗାଁରେ ସର୍ବାଧିକ ୩୦ ମିମି ବର୍ଷା ହୋଇଥିବା ବେଳେ ରାୟଗଡ଼ା ଜିଲ୍ଲାର ବିଷମକଟକରେ ୨୭.୪, କୋଲନରାରେ ୨୧.୩, ରାୟଗଡ଼ାରେ ୧୭.୮ ମିମି ବର୍ଷା ରେକର୍ଡ କରାଯାଇଛି। ଗୁରୁବାର ରାଜ୍ୟର ୨୫ଟି ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ଝଡ଼ବର୍ଷାର ସମ୍ଭାବନା ରହିଛି। ୧୧ ଓ ୧୨ ତାରିଖରେ ଉପକୂଳ ଓଡ଼ିଶାରେ କାଳବୈଶାଖୀ ପ୍ରଭାବ ରହିବ ଏବଂ ୧୩ ତାରିଖଠାରୁ ପାଗରେ ପରିବର୍ତ୍ତନ ଆସିପାରେ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି।

# ଆମେରିକାର ତୁଲସା ବିଶ୍ୱବିଦ୍ୟାଳୟ ଓ କିଟ୍ ମଧ୍ୟରେ ଏମ୍ଓୟୁ




ଭୁବନେଶ୍ୱର : ଆମେରିକାର ତୁଲସା ବିଶ୍ୱବିଦ୍ୟାଳୟ ଓ କିଟ୍ ବିଶ୍ୱବିଦ୍ୟାଳୟ ମଧ୍ୟରେ ଏକ ବୁଝାମଣାପତ୍ର(ଏମ୍ଓୟୁ) ସ୍ୱାକ୍ଷରିତ ହୋଇଛି। ଏଥିରେ ତୁଲସା ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଶ୍ୱବିଦ୍ୟାଳୟ ଗ୍ଲୋବାଲ ଏନ୍‌ଗେଜ୍‌ମେଣ୍ଟର ଭାଇସ୍ ପ୍ରୋଭୋଷ୍ଟ ଡ. ଭିଭାନ ୱାଙ୍ଗ୍ ଏବଂ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳପତି ପ୍ରଫେସର ଶରଣଜିତ ସିଂହ ସ୍ୱାକ୍ଷର କରିଥିଲେ। ଏହି ବୁଝାମଣାପତ୍ର ଅନୁଯାୟୀ କିଟ୍‌ରେ ବି.ଟେକ୍ ପଢୁଥିବା ଛାତ୍ରୀଛାତ୍ର ଡୁଆଲ ଡିଗ୍ରୀ ହାସଲ କରିପାରିବେ। ସେମାନେ ଦୁଇ ବର୍ଷ କିଟ୍ ବିଶ୍ୱବିଦ୍ୟାଳୟରେ ଓ ବାକି ଦୁଇ ବର୍ଷ ତୁଲସା ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରିବାର ସୁଯୋଗ ପାଇବେ। ଫଳରେ କିଟ୍ ବିଶ୍ୱବିଦ୍ୟାଳୟରୁ ଡିଗ୍ରୀ ହାସଲ କରିବା ସହ ତୁଲସା ବିଶ୍ୱବିଦ୍ୟାଳୟରୁ ଆଉ ଏକ ଡିଗ୍ରୀ ହାସଲ କରିପାରିବେ। ଏହାସହ କିଟ୍‌ର ବିଭିନ୍ନ ପାଠ୍ୟକ୍ରମର ୪୦ ଜଣ ଛାତ୍ରୀଛାତ୍ର ତୁଲସା ବିଶ୍ୱବିଦ୍ୟାଳୟରେ ଦୁଇ ସପ୍ତାହର ଗ୍ରୀଷ୍ମକାଳୀନ ପାଠ୍ୟକ୍ରମ ପାଇଁ ଯିବାର ସୁଯୋଗ ପାଇବେ। ସେଠାରେ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନେ ସଂସ୍କୃତି ଓ ନେତୃତ୍ୱ ସମ୍ପର୍କରେ ଜ୍ଞାନ ଆହରଣ କରିବେ। ଏହି କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦେବାଶିଷ ବନ୍ଦୋପାଧ୍ୟାୟ, କିଟ୍ ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତିଙ୍କ ସହ ବିଭିନ୍ନ ସ୍କୁଲର ନିର୍ଦ୍ଦେଶକ, ଡିନ୍ ଓ ପ୍ରାଧ୍ୟାପକମାନେ ଉପସ୍ଥିତ ଥିଲେ।

# ୨୫୦ ନିୟୁତ ଟନ ପଣ୍ୟ ପରିବହନ କରି ପୂର୍ବତଟ ରେଳପଥର ରେକର୍ଡ




ଭୁବନେଶ୍ୱର : ପୂର୍ବତଟ ରେଳପଥ ପଣ୍ୟ ପରିବହନ କ୍ଷେତ୍ରରେ ଏକ ଐତିହାସିକ ମାଇଲଖୁଣ୍ଟ ହାସଲ କରିଛି। ୨୦୨୪-୨୫ ଆର୍ଥିକ ବର୍ଷ ଶେଷ ହେବାର ୧୧ଦିନ ପୂର୍ବରୁ ୨୫୦ ମେଟ୍ରିକ୍ ଟନ୍ ପଣ୍ୟ ପରିବହନ କରି ରେକର୍ଡ ସୃଷ୍ଟି କରିଛି। ଏତେ ପରିମାଣର ପଣ୍ୟ ପରିବହନ କରିବାରେ ଏହା ଦେଶର ପ୍ରଥମ ରେଳ ଜୋନ୍ ହୋଇଛି। ଲଗାତାର ଭାବେ ଦ୍ୱିତୀୟ ବର୍ଷ ପାଇଁ ୨୫୦ ନିୟୁତ ଟନ୍ ସୀମା ଅତିକ୍ରମ କରିଛି। ଏହି ସଫଳତା ହାସଲ କରିବା ପାଇଁ ପୂର୍ବତଟ ରେଳପଥ ଗତ ଆର୍ଥିକ ବର୍ଷରେ ୩୬୦ ଦିନ ସମୟ ନେଇଥିଲାବେଳେ ଚଳିତ ବର୍ଷ ୩୫୫ ଦିନରେ ଲକ୍ଷ୍ୟ ହାସଲ କରିଛି। ଏହାସହ ପୂର୍ବତଟ ରେଳପଥ କ୍ରମାଗତ ୬ଷ୍ଠ ଥର ପାଇଁ ୨୦୦ ନିୟୁତ ଟନ ପଣ୍ୟ ପରିବହନ ଅତିକ୍ରମ କରିବାର ଗୌରବ ମଧ୍ୟ ହାସଲ କରିଛି। ଏହା ବ୍ୟତୀତ ପୂର୍ବତଟ ରେଳପଥ ୨୦୨୪-୨୫ ଆର୍ଥିକ ବର୍ଷରେ ନିଜ କ୍ଷେତ୍ର ମଧ୍ୟରେ ୨୨୮.୩ ନିୟୁତ ଟନ୍ ମାଲ ପରିବହନ ମୁକ୍ତ/ଅନ୍‌ଲୋଡ କରିଛି, ଯାହା ୨୦୨୩-୨୪ ଆର୍ଥିକ ବର୍ଷ ତୁଳନାରେ ୨.୬% ଅଧିକ। ୨୦୨୩-୨୪ ଆର୍ଥିକ ବର୍ଷରେ ୨୧ ମାର୍ଚ୍ଚ ସୁଦ୍ଧା ପୂର୍ବତଟ ରେଳପଥ ୨୨୨.୪ ନିୟୁତ ଟନ୍ ମାଲ ପରିବହନ କରିଥିଲା। ଏହି ଐତିହାସିକ ସଫଳତା ହାସଲ କରିବାରେ ତାଳଚେରରେ ଥିବା ମହାନଦୀ କୋଲଫିଲ୍ଡସ ଲିମିଟେଡ୍ (ଏମ୍‌ସିଏଲ)ର କୋଇଲା କ୍ଷେତ୍ର, ପୂର୍ବତଟ ରେଳପଥ ପରିସୀମା ମଧ୍ୟରେ ଥିବା ପାରାଦୀପ, ଧାମରା, ବିଶାଖାପାଟଣା, ଗଙ୍ଗାଭରମ ଏବଂ ଗୋପାଳପୁର ଆଦି ୫ଟି ପ୍ରମୁଖ ବନ୍ଦର, ବୈଲାଡିଲା (ଛତିଶଗଡ଼) ଏବଂ କେନ୍ଦୁଝର ଜିଲା (ଓଡ଼ିଶା)ରେ ଲୁହା ଖଣି, ପ୍ରମୁଖ ଇସ୍ପାତ ଓ ଆଲୁମିନିୟମ ଶିଳ୍ପ ଏହି ରେକର୍ଡ ସୃଷ୍ଟିରେ ସହାୟକ ହୋଇଥିବା ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।

# ୨ ଦିନିଆ ବ୍ୟାଙ୍କ ଧର୍ମଘଟ ସ୍ଥଗିତ

ଭୁବନେଶ୍ୱର : ଆସନ୍ତା ୨୪ ଓ ୨୫ ତାରିଖରେ ହେବାକୁ ଥିବା ୨ ଦିନିଆ ବ୍ୟାଙ୍କ ଧର୍ମଘଟ ସ୍ଥଗିତ ରହିଛି। ୯ ଦଫା ଦାବିରେ ୟୁନାଇଟେଡ୍ ଫୋରମ ଅଫ୍ ବ୍ୟାଙ୍କ ୟୁନିଅନ୍ସ (ୟୁଏଫ୍‌ବିୟୁ) ପକ୍ଷରୁ ଏହି ଆନ୍ଦୋଳନ ଡାକରା ଦିଆଯାଇଥିଲା। ଶୁକ୍ରବାର ଶ୍ରମ କମିଶନରଙ୍କ ସହ ଆଲୋଚନା ପରେ ୟୁଏଫ୍‌ବିୟୁ ପକ୍ଷରୁ ଦୁଇଦିନିଆ ବ୍ୟାଙ୍କ ଧର୍ମଘଟ ସ୍ଥଗିତ ରଖାଯାଇଥିବା ନେଇ ସୂଚନା ଦିଆଯାଇଛି। ୯ ଦଫା ଦାବି ନେଇ ୟୁନାଇଟେଡ୍ ଫୋରମ ଅଫ୍ ବ୍ୟାଙ୍କ ୟୁନିଅନ୍ସର ୨ ଦିନିଆ ବ୍ୟାଙ୍କ ଧର୍ମଘଟରେ ୬ ହଜାର ବ୍ୟାଙ୍କ ଶାଖାର ୩୭ ହଜାର କର୍ମଚାରୀ ସାମିଲ ହୋଇଥାନ୍ତେ। ବ୍ୟାଙ୍କିଂ କ୍ଷେତ୍ରରେ ସପ୍ତାହରେ ୫ ଦିନ କାର୍ଯ୍ୟ ସହ ସମସ୍ତ କ୍ୟାଡରରେ ପର୍ଯ୍ୟାପ୍ତ ନିଯୁକ୍ତି ଓ ଅସ୍ଥାୟୀ କର୍ମଚାରୀଙ୍କ ନିଯୁକ୍ତିକୁ ନିୟମିତ କରିବାକୁ ଦାବି ନେଇ ଏହି ଧର୍ମଘଟ ହେବାର ଥିଲା। ଏହି ଆନ୍ଦୋଳନ ହୋଇଥିଲେ ମୋଟ ୪ ଦିନ ବ୍ୟାଙ୍କ ବନ୍ଦ ରହିଥାନ୍ତା। ମାର୍ଚ୍ଚ ୨୨ ଚତୁର୍ଥ ଶନିବାର ହୋଇଥିବାବେଳେ ୨୩ ତାରିଖ ରବିବାର ସାପ୍ତାହିକ ଛୁଟି ଥିଲା। ତେଣୁ ଏହାକୁ ମିଶାଇ ଲଗାତର ୪ ଦିନ ବ୍ୟାଙ୍କ ଛୁଟି ରହିଥିଲେ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତେ।

# ଖୁବଶୀଘ୍ର ସ୍ୱାସ୍ଥ୍ୟ ବୀମାରେ ପ୍ରବେଶ କରିବ ଏଲ୍ଆଇସି

ନୂଆଦିଲ୍ଲୀ: ଖୁବ୍‌ଶୀଘ୍ର ସ୍ୱାସ୍ଥ୍ୟବୀମା କ୍ଷେତ୍ରରେ ପ୍ରବେଶ କରିବ ଭାରତୀୟ ଜୀବନ ବୀମା ନିଗମ (ଏଲ୍ଆଇସି)। ଚଳିତ ଆର୍ଥିକବର୍ଷ ଶେଷ ସୁଦ୍ଧା ଅର୍ଥାତ୍ ଆସନ୍ତା ମାର୍ଚ୍ଚ ୩୧ ସୁଦ୍ଧା ଏହା ଏକ ଷ୍ଟାଣ୍ଡାଲୋନ୍ ସ୍ୱାସ୍ଥ୍ୟ ବୀମା କମ୍ପାନିରେ ଅଂଶଧନ କ୍ରୟ ନେଇ ଘୋଷଣା କରିପାରେ। ଏଲ୍ଆଇସିର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ମହାନ୍ତି ଏହି ସୂଚନା ଦେଇଛନ୍ତି । ତେବେ କେଉଁ କମ୍ପାନିରେ ଏଲ୍ଆଇସି ଅଂଶଧନ କ୍ରୟ କରିବ ତାହା ଉପରେ ଶ୍ରୀ ମହାନ୍ତି କୌଣସି ସୂଚନା ଦେଇନାହାନ୍ତି। ଶ୍ରୀ ମହାନ୍ତି କହିଛନ୍ତି ଯେ, ଆମର ଯୋଜନା ରହିଛି। ଆଲୋଚନା ଚୂଡ଼ାନ୍ତ ପର୍ଯ୍ୟାୟରେ ଅଛି। ନିୟାମକ ମଞ୍ଜୁରି ପାଇଁ ସମୟ ଲାଗିଥାଏ । ତେବେ ମାର୍ଚ୍ଚ ୩୧ ସୁଦ୍ଧା ଘୋଷଣା କରାଯାଇପାରେ ବୋଲି ଅନୁମାନ କରାଯାଉଛି ।

# ପାରାଦୀପରେ ୩୩୫ କୋଟିର ୨ ପ୍ରକଳ୍ପ



ଭୁବନେଶ୍ୱର : ଲୋକସେବା ଭବନରେ ସିଡ୍‌ବି କ୍ଲଷ୍ଟର ଡେଭେଲପ୍‌ମେଣ୍ଟ୍ ଫଣ୍ଡ୍ (ଏସ୍‌ସିଡିଏଫ୍) ଓ ସହରାଞ୍ଚଳ ଭିତ୍ତିଭୂମି ବିକାଶ ପାଣ୍ଠି (ୟୁଆଇଡିଏଫ୍) ଉପରେ ଉନ୍ନୟନ କମିସନର ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଉଚ୍ଚକ୍ଷମତା ସମ୍ପନ୍ନ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପାରାଦୀପରେ ୩୩୫.୭୭ କୋଟି ଟଙ୍କା ନିବେଶରେ ସ୍ଥାପନ ହେବାକୁ ଯାଉଥିବା ଦୁଇଟି ପ୍ରକଳ୍ପକୁ ମଞ୍ଜୁରି ପ୍ରଦାନ କରାଯାଇଛି। ସେଠାରେ ୧୦ ଏମ୍‌ଏଲ୍‌ଡି କ୍ଷମତାର ଏକ ସାଧାରଣ ବର୍ଜ୍ୟବସ୍ତୁ ବିଶୋଧନ କାରଖାନା ଏବଂ ୩୦ ଏମ୍‌ଏଲ୍‌ଡି କ୍ଷମତାର ଡିପ୍ ସି ଡିସ୍‌ଚାର୍ଜ ପ୍ରକଳ୍ପ ସ୍ଥାପନ କରାଯିବ। ଏସ୍‌ସିଡିଏଫ୍ ଅଧୀନରେ ଗଞ୍ଜାମର ଗୋପାଳପୁରରେ କାର୍ଯ୍ୟକାରୀ ହେଉଥିବା କମନ୍ ୟୁଟିଲିଟି କରିଡର ସମ୍ପର୍କରେ ମଧ୍ୟ ବୈଠକରେ ଆଲୋଚନା ହୋଇଛି। ଏହା ହେଉଛି ଏଭଳି ଏକ ପ୍ରକଳ୍ପ ଯାହା ଗୋପାଳପୁର ଶିଳ୍ପାଞ୍ଚଳର ଉଭୟ ପୁରୁଣା ଓ ନୂଆ ଶିଳ୍ପସଂସ୍ଥାର ଆବଶ୍ୟକତା ପୂରଣ କରିବ। ୟୁଆଇଡିଏଫ୍ ଅଧୀନରେ କାର୍ଯ୍ୟକାରୀ କରିବା ଲାଗି ଯୋଗ୍ୟ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକୁ ଚିହ୍ନଟ କରିବାକୁ ବିଭିନ୍ନ ବିଭାଗକୁ କୁହାଯାଇଛି। ହାତକୁ ନିଆଯାଇଥିବା ପ୍ରକଳ୍ପଗୁଡ଼ିକର କାମ ସମୟ ସୀମା ଭିତରେ ଶେଷ କରିବା ଏବଂ ଫେରସ୍ତ ଦାବି ଅର୍ଥ ବିଭାଗ ନିକଟରେ ଦାଖଲ କରିବାକୁ ବିଭାଗଗୁଡ଼ିକୁ କୁହାଯାଇଛି।

# ଏସ୍‌ଏଲ୍‌ଏନ୍ ମେଡିକାଲ କଲେଜକୁ ନାଲ୍‌କୋର ୧୦.୧୦ କୋଟିର ଅନୁଦାନ



ଭୁବନେଶ୍ୱର : ନ୍ୟାଶନାଲ ଆଲୁମିନିୟମ୍ କମ୍ପାନୀ ଲିମିଟେଡ୍‌ର ସିଏସ୍ଆର କାର୍ଯ୍ୟକ୍ରମ ଅଧୀନରେ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ (ଏସ୍‌ଏଲ୍‌ଏନ୍) ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲକୁ ୧୦.୧୦ କୋଟି ଟଙ୍କାର ଅନୁଦାନ ପ୍ରଦାନ କରାଯାଇଛି। ନାଲ୍‌କୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ(ଏମ୍ଆଣ୍ଡ୍ଆର) ନିରଞ୍ଜନ ସାମଲ, କୋରାପୁଟ ଜିଲାପାଳ ଭି. କୀର୍ତ୍ତିଭାସନଙ୍କ ଉପସ୍ଥିତିରେ ନାଲ୍‌କୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ(ଏଚ୍ଆଣ୍ଡ୍ଏ) ଆଶୁତୋଷ ରଥ ଏସ୍‌ଏଲ୍‌ଏନ୍ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲର ସୁପରିଣ୍ଟେଣ୍ଡେଣ୍ଟ୍ ତଥା ଡିନ ସୁଶାନ୍ତ କୁମାର ସାହୁଙ୍କୁ ଚେକ୍ ପ୍ରଦାନ କରିଥିଲେ। ଅନୁଷ୍ଠାନରେ ରୋଗୀସେବାକୁ ତ୍ୱରାନ୍ୱିତ କରିବା ପାଇଁ ହସ୍ପିଟାଲର ବିଭିନ୍ନ ବିଭାଗରେ ଅତ୍ୟାଧୁନିକ ମେଡିକାଲ ଯନ୍ତ୍ରପାତି ତଥା ଅନ୍ୟାନ୍ୟ ସମ୍ବଳ କ୍ରୟରେ ଏହି ଅନୁଦାନ ବିନିଯୋଗ କରାଯିବ। ସ୍ଥାନୀୟ ଅଞ୍ଚଳବାସୀ ବିଶେଷକରି ଆଦିବାସୀ ସମ୍ପ୍ରଦାୟଙ୍କୁ ସ୍ୱାସ୍ଥ୍ୟସେବା ପ୍ରଦାନରେ ଏହା ସହାୟକ ହେବ ବୋଲି ଆଶା କରାଯାଉଛି। ପୂର୍ବରୁ ନାଲ୍‌କୋ ପକ୍ଷରୁ ସିଏସ୍ଆର କାର୍ଯ୍ୟକ୍ରମ ଅଧୀନରେ କମ୍ପାନୀର ମାଇନିଂ ଓ ରିଫାଇନାରି କମ୍ପ୍ଲେକ୍ସ ଥିବା ଦାମନଯୋଡ଼ି ସେକ୍ଟରରେ ନାଲ୍‌କୋ ମୋବାଇଲ୍ ସ୍ୱାସ୍ଥ୍ୟସେବା ପ୍ରଦାନ କରିଆସୁଛି। ଏହାଦ୍ୱାରା ଆଖପାଖରେ ଥିବା ପ୍ରାୟ ୧୬୩ ଗ୍ରାମର ଲୋକ ଉପକୃତ ହେଉଛନ୍ତି। ସେହିପରି ପଟାଙ୍ଗୀ ସେକ୍ଟରରେ କାର୍ଯ୍ୟକାରୀ ହୋଇଥିବା ମୋବାଇଲ୍ ହେଲ୍‌ଥ କେୟାର ୟୁନିଟ୍ ଦ୍ୱାରା ଆଖପାଖର ୪୮ ଗ୍ରାମର ଲୋକମାନେ ସ୍ୱାସ୍ଥ୍ୟସେବା ପାଇପାରୁଛନ୍ତି।

# ନାବାର୍ଡ ସହ ବେଦାନ୍ତ ଆଲୁମିନିୟମର ବୁଝାମଣା



ଭୁବନେଶ୍ୱର : ଜାତୀୟ କୃଷି ଏବଂ ଗ୍ରାମୀଣ ବିକାଶ ବ୍ୟାଙ୍କ (ନାବାର୍ଡ) ଏବଂ ବେଦାନ୍ତ ଆଲୁମିନିୟମ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏପରିକି ଓଡ଼ିଶାର କଳାହାଣ୍ଡି ଜିଲାରେ କର୍ମଶକ୍ତି ଦକ୍ଷତା, ଜଳ ସମ୍ପଦ ପରିଚାଳନା ଏବଂ କୃଷି ବିବିଧତା ଉପରେ କେନ୍ଦ୍ରିତ ୧ କୋଟି ଟଙ୍କାର ଗ୍ରାମୀଣ ବିକାଶ ପଦକ୍ଷେପ କାର୍ଯ୍ୟକାରୀ କରିବା ପାଇଁ ନାବାର୍ଡ ସହିତ ବେଦାନ୍ତ ଆଲୁମିନିୟମ ସହଭାଗିତା କରିଛି। ଏହି ପରିପ୍ରେକ୍ଷୀରେ ବେଦାନ୍ତ ଲିମିଟେଡ୍‌ର ସିଇଓ (ଆଲୁମିନା ବ୍ୟବସାୟ) ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ ଏବଂ ନାବାର୍ଡ ଆଞ୍ଚଳିକ କାର୍ଯ୍ୟାଳୟ ଭୁବନେଶ୍ୱରର ମୁଖ୍ୟ ମହାପ୍ରବନ୍ଧକ ଡ. ସୁଧାଂଶୁ କେ. କେ. ମିଶ୍ରଙ୍କ ମଧ୍ୟରେ ଏକ ବୁଝାମଣାପତ୍ର (ଏମ୍ଓୟୁ) ସ୍ୱାକ୍ଷରିତ ହୋଇଥିଲା। ଏହି ଅବସରରେ ଉଭୟ ପ୍ରତିଷ୍ଠାନର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଥିଲେ, ନାବାର୍ଡ ସହ ଆମର ସହଭାଗିତା ହେଉଛି ଯୁବପିଢ଼ିଙ୍କୁ ଶିଳ୍ପ-ପ୍ରସ୍ତୁତ କୌଶଳ ସହିତ ସଜ୍ଜିତ କରିବା। ଏପରିକି ଅଭିନବ କୃଷି ପଦ୍ଧତି ପ୍ରଚଳନକରି ଏକ ଆତ୍ମନିର୍ଭରଶୀଳ ଗ୍ରାମୀଣ ଅର୍ଥନୀତି ସୃଷ୍ଟି କରିବା ଦିଗରେ ପଦକ୍ଷେପ ନେବା। ସେହିଭଳି ନାବାର୍ଡର ମୁଖ୍ୟ ମହାପ୍ରବନ୍ଧକ ଡ. ସୁଧାଂଶୁ କେ. କେ. ମିଶ୍ର କହିଥିଲେ, ନାବାର୍ଡ ଜୀବିକା ବୃଦ୍ଧି ଏବଂ କୃଷି ସ୍ଥିରତାକୁ ସୁଦୃଢ଼ କରୁଥିବା ଅଭିନବ ସହଭାଗୀତା ମାଧ୍ୟମରେ ସ୍ଥାୟୀ ଗ୍ରାମାଞ୍ଚଳ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବଦ୍ଧ ରହିଛି। ସେହିପରି ବେଦାନ୍ତ ଆଲୁମିନିୟମ ସହ ଆମର ସହଯୋଗ ଅର୍ଥ ପୂର୍ଣ୍ଣ ପରିବର୍ତ୍ତନ ଆଣିବାରେ ଶିଳ୍ପ-ନେତୃତ୍ୱାଧୀନ ପଦକ୍ଷେପର ଶକ୍ତିର ପ୍ରମାଣ ପାଲଟିବ। ଆମର ଶକ୍ତିକୁ ମିଶ୍ରଣ କରି ଏହି କାର୍ଯ୍ୟକ୍ରମ ଓଡ଼ିଶାର ଗ୍ରାମାଞ୍ଚଳ ସମ୍ପ୍ରଦାୟ ପାଇଁ ସ୍ଥାୟୀ ଆର୍ଥକ୍ ସୁଯୋଗ ସୃଷ୍ଟି କରିବ, ଚାଷୀ ଏବଂ ଯୁବକମାନଙ୍କୁ ଏକ ଅଧିକ ସମୃଦ୍ଧ ଭବିଷ୍ୟତ ପାଇଁ ଆବଶ୍ୟକ ସମ୍ବଳ ଏବଂ ଦକ୍ଷତା ସହିତ ସଶକ୍ତ କରିବ। ଏପରିକି ମଞ୍ଜୁରୀ ପତ୍ର ଆଦାନପ୍ରଦାନ ମାଧ୍ୟମରେ ଆନୁଷ୍ଠାନିକ ଭାବେ ହୋଇଥିବା ଏହି ସହଯୋଗ ସମ୍ବଳ ସମୃଦ୍ଧ ତଥା ଆର୍ଥକ୍ ଦୃଷ୍ଟିରୁ ଅନୁନ୍ନତ ଅଞ୍ଚଳରେ ଏକ ଦକ୍ଷ କର୍ମଶକ୍ତି ନିର୍ମାଣ ଏବଂ କୃଷି ସ୍ଥିରତାକୁ ସୁଦୃଢ଼ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ନିବେଶକୁ ଚିହ୍ନିତ କରିଛି।

# ସୁଧ କମାଇଲା ରିଜର୍ଭ ବ୍ୟାଙ୍କ: କମିବ ଇଏମ୍‌ଆଇ



ମୁମ୍ବାଇ: ଭାରତୀୟ ରିଜର୍ଭ ବ୍ୟାଙ୍କ ମୁଦ୍ରା ନୀତି ସମୀକ୍ଷା କରି ରେପୋ ହାରରେ ୦.୨୫ ପ୍ରତିଶତ ହ୍ରାସ କରିଛି। ଫଳରେ ଏହି ହାର ୬ ପ୍ରତିଶତକୁ ଖସିଆସିଛି। ରେପୋ ହାର କମ୍ ହୋଇଥିବାରୁ ଆଗାମୀ ଦିନରେ ଘର, ଗାଡ଼ି ଆଦି କିଣିବା ଲାଗି ଋଣ ନେଇଥିବା ଗ୍ରାହକମାନଙ୍କ ମାସିକ କିସ୍ତି କମ୍ ହେବ। ଏଥି ସହିତ ନୂଆ ଋଣ ନେବାକୁ ଚାହୁଁଥିବା ଗ୍ରାହକମାନଙ୍କ ଲାଗି ମଧ୍ୟ ସୁଧ କମିବାରେ ସମ୍ଭାବନା ରହିଛି। ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ସଞ୍ଜୟ ମଲହୋତ୍ରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମୁଦ୍ରାନୀତି କମିଟି ବୈଠକରେ ସମସ୍ତ ସଦସ୍ୟ ସୁଧ କମ୍ କରିବା ସପକ୍ଷରେ ମତ ଦେଇଥିଲେ। ଏହା ପୂର୍ବରୁ ଚଳିତ ବର୍ଷ ଫେବ୍ରୁଆରିରେ ରେପୋ ହାର ୦.୨୫% କମ୍ ହୋଇଥିଲା। ଦୀର୍ଘ ପାଞ୍ଚ ବର୍ଷ ବ୍ୟବଧାନ ପରେ ସେହି ସମୟରେ ପ୍ରଥମ ଥର ପାଇଁ ରେପୋ ହାର କମ୍ କରାଯାଇଥିଲା। ରିଜର୍ଭ ବ୍ୟାଙ୍କ ଯେଉଁ ହାରରେ ବ୍ୟାଙ୍କଗୁଡ଼ିକୁ ଋଣ ଦିଏ ତାହାକୁ ରେପୋ ହାର କୁହାଯାଉଛି।ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆରମ୍ଭ କରିଥିବା ଶୁଳ୍କ ଲଢ଼େଇର ପ୍ରଭାବକୁ ନେଇ ମୁଦ୍ରାନୀତି କମିଟି ଆଶଙ୍କା ପ୍ରକାଶ କରିଛି। ଏହାର ପ୍ରଭାବରେ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ୬.୫ ପ୍ରତିଶତକୁ ହ୍ରାସ ପାଇବ ବୋଲି ରିଜର୍ଭ ବ୍ୟାଙ୍କ ଆକଳନ କରିଛି, ଯାହା ଏହାର ପୂର୍ବ ଆକଳନ ୬.୭ ପ୍ରତିଶତ ତୁଳନାରେ କମ୍। ତେବେ ମୁଦ୍ରାସ୍ଫୀତି ହାରରେ ଏହା ସୁଧାର ଆଣିଛି। ମୁଦ୍ରାସ୍ଫୀତି ୪.୨ ପ୍ରତିଶତ ନୁହେଁ, ବରଂ ୪ ପ୍ରତିଶତ ରହିବ ବୋଲି ଏହା ଆକଳନ କରିଛି। ମୁଦ୍ରାନୀତି କମିଟି ଆଉ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ମଧ୍ୟ ନେଇଛି। ଗ୍ରାହକଙ୍କ ତରଫରୁ ବ୍ୟବସାୟୀମାନଙ୍କୁ କରାଯାଉଥିବା ୟୁପିଆଇ ପେମେଣ୍ଟର ସୀମା ନିର୍ଦ୍ଧାରଣ କରିବା ଅଧିକାର ନ୍ୟାସନାଲ୍ ପେମେଣ୍ଟ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଏନ୍‌ସିପିଆଇ)କୁ ପ୍ରଦାନ କରାଯିବ। ବର୍ତ୍ତମାନ ଏହି ସୀମା ୨ ଲକ୍ଷ ଟଙ୍କା ରହିଛି। ସୁନା ଋଣକୁ ନେଇ ନୂଆ ଗାଇଡ୍‌ଲାଇନ୍ ଆସିବ ବୋଲି ଗଭର୍ଣ୍ଣର ଶ୍ରୀ ମଲହୋତ୍ରା କହିଛନ୍ତି। କୋ-ଲେଣ୍ଡିଂ ବ୍ୟବସ୍ଥାରେ ସମସ୍ତ ନିୟନ୍ତ୍ରିତ ସଂସ୍ଥାଙ୍କୁ ସାମିଲ କରାଯିବ। ଅଗ୍ରାଧିକାର କ୍ଷେତ୍ର ବାହାରେ ମଧ୍ୟ ଏହାକୁ ଲାଗୁ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

# ୩ ଗୁଣ ବଢ଼ିପାରେ ଆଇଫୋନ ମୂଲ୍ୟ

ନୂଆଦିଲ୍ଲୀ: ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ନୀତି ଯୋଗୁଁ ସାରା ବିଶ୍ୱରେ ଅସ୍ଥିରତା ଦେଖାଦେଇଛି। ବିଶେଷକରି ଚୀନ୍ ଏବଂ ଆମେରିକା ମଧ୍ୟରେ ଚାଲିଥିବା ବାଣିଜ୍ୟ ଯୁଦ୍ଧ ଅନେକ ଜିନିଷକୁ ଗମ୍ଭୀର ଭାବରେ ପ୍ରଭାବିତ କରିଛି। କୁହାଯାଉଛି ଯେ ଏବେ ଏହାର ପ୍ରଭାବ ଆଇଫୋନର ମୂଲ୍ୟ ଉପରେ ମଧ୍ୟ ଦେଖାଯାଇପାରେ। ଆସନ୍ତୁ, ଜାଣିବା କାହିଁକି ଟେକ୍ନୋଲୋଜି ବିଶେଷଜ୍ଞମାନେ କହୁଛନ୍ତି ଯେ ଆଗାମୀ ସମୟରେ, ଆଇଫୋନଗୁଡ଼ିକ ସେମାନଙ୍କର ବର୍ତ୍ତମାନର ମୂଲ୍ୟର ତିନି ଗୁଣ ମୂଲ୍ୟରେ ବିକ୍ରି ହେବାକୁ ଯାଉଛି। ଯେତେବେଳେ ଡୋନାଲ୍ଡ ଟ୍ରମ୍ପ ପାରସ୍ପରିକ ଶୁଳ୍କ ନୀତି କାର୍ଯ୍ୟକାରୀ କରିଥିଲେ, ସେ ଦାବି କରିଥିଲେ ଯେ



ତାଙ୍କର ନୂତନ ଶୁଳ୍କ ନୀତି ଆମେରିକାରେ ଚାକିରି ଏବଂ କାରଖାନା ଫେରାଇ ଆଣିବ। କିନ୍ତୁ ଟେକ୍ ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଏହା ସ୍ମାର୍ଟଫୋନର ମୂଲ୍ୟରେ ବହୁତ ବୃଦ୍ଧି ଆଣିପାରେ। ସିଏନଏନରେ ପ୍ରକାଶିତ ଏକ ଖବର ଅନୁଯାୟୀ, ୱେଡବସ୍ ସିକ୍ୟୁରିଟିଜ୍ ?ର ଗ୍ଲୋବାଲ୍ ଟେକ୍ନୋଲୋଜି ରିସର୍ଚ୍ଚ ମୁଖ୍ୟ ଡାନ୍ ଇଭସ୍ ଏକ ଆଶ୍ଚର୍ଯ୍ୟଜନକ ଖୁଲାସା କରିଛନ୍ତି ଯେ ଯଦି ଆମେରିକାରେ ଆଇଫୋନର ଉତ୍ପାଦନ ଆରମ୍ଭ ହୁଏ, ତେବେ ଏହାର ମୂଲ୍ୟ ପ୍ରାୟ ୩.୫ ଲକ୍ଷ ଟଙ୍କା ପହଞ୍ଚିପାରେ, ଯାହା ବର୍ତ୍ତମାନର ମୂଲ୍ୟ ଅପେକ୍ଷା ତିନି ଗୁଣ ଅଧିକ। ଆଇଫୋନ୍ ମହଙ୍ଗା ହେବାର ମୁଖ୍ୟ କାରଣ ହେଉଛି ଆମେରିକାରେ ଉତ୍ପାଦନ ଖର୍ଚ୍ଚ ବୃଦ୍ଧି। ଇଭସ୍ ?ଙ୍କ ଅନୁଯାୟୀ, ଏସିଆରେ ଥିବା ଏହାର ଯୋଗାଣ ଶୃଙ୍ଖଳାକୁ ଆମେରିକାରେ ପୁନଃ ସ୍ଥାପନ କରିବା ପାଇଁ ଆପଲ୍ ?କୁ ପ୍ରାୟ ୩୦ ବିଲିୟନ ଡଲାର ଖର୍ଚ୍ଚ କରିବାକୁ ପଡିବ ଏବଂ ଉତ୍ପାଦନର ମାତ୍ର ୧୦ ପ୍ରତିଶତ ସ୍ଥାନାନ୍ତର କରିବାକୁ ତିନି ବର୍ଷ ସମୟ ଲାଗିବ। ବର୍ତ୍ତମାନ, ଆଇଫୋନ୍ ଉପାଦାନଗୁଡ଼ିକ ତାଇୱାନ, ଦକ୍ଷିଣ କୋରିଆ ଏବଂ ଚୀନରେ ତିଆରି ହେଉଛି, ଯେତେବେଳେ ୯୦ ପ୍ରତିଶତ ଆଇଫୋନ୍ ଚୀନରେ ଆସେମ୍ବଲିଙ୍ଗ ହେଉଛି। ଏପରି ପରିସ୍ଥିତିରେ, ଏହି ଦେଶଗୁଡ଼ିକ ଉପରେ ଆମେରିକା ଦ୍ୱାରା ଲଗାଯାଇଥିବା ଭାରୀ ଶୁଳ୍କ ଏବଂ ବାଣିଜ୍ୟ ଯୁଦ୍ଧ ଯୋଗୁଁ ଆଇଫୋନର ମୂଲ୍ୟ ପ୍ରଭାବିତ ହେବ। ଆପଣଙ୍କୁ କହିରଖୁଛୁ ଯେ, ଟ୍ରମ୍ପଙ୍କ ଟାରିଫ୍ ନୀତି ଯୋଗୁଁ, ଆପଲର ସେୟାର ୨୫ ପ୍ରତିଶତ ହ୍ରାସ ପାଇସାରିଛି।

# ଆମେରିକାର ଚୀନ୍ ଉପରେ ୧୨୫% ଶୁଳ୍କ: ଶୁଳ୍କ ୯୦ ଦିନ ସ୍ଥଗିତ, ସର୍ବନିମ୍ନ ଟିକସ ୧୦% ରହିବ

ନୂଆଦିଲ୍ଲୀ: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ସମେତ ବିଭିନ୍ନ ଦେଶ ଉପରେ ଲଗାଇଥିବା ପାଲଟା ଶୁଳ୍କକୁ ୯୦ ଦିନ ପର୍ଯ୍ୟନ୍ତ ସ୍ଥଗିତ ରଖିଛନ୍ତି। ସେ ଭାରତ ଉପରେ ୨୬ ପ୍ରତିଶତ ଶୁଳ୍କ ଲଗାଇଥିଲେ। ବୁଧବାରଠାରୁ ତାହା ଲାଗୁ ହେବାର ଥିଲା। ବିଶ୍ୱର ୭୫ରୁ ଅଧିକ ଦେଶ ଆମେରିକା ସହ ବାଣିଜ୍ୟ ଆଲୋଚନା କରିବାକୁ ଆଗ୍ରହ ଦେଖାଇଥିବାରୁ ପାଲଟା ଶୁଳ୍କକୁ କିଛି ଦିନ ପାଇଁ ଟାଳି ଦିଆଯାଇଛି। ତେବେ ଏହି ସମୟ ଭିତରେ ସର୍ବନିମ୍ନ ଶୁଳ୍କ ୧୦ ପ୍ରତିଶତ ରହିବ। ତାହା ତତ୍କାଳ ଲାଗୁ କରାଯାଇଥିବା ଟ୍ରମ୍ପ କହିଛନ୍ତି। ତେବେ ଚୀନ୍ ଉପରେ ଆମେରିକା ଶୁଳ୍କକୁ ୧୨୫ ପ୍ରତିଶତକୁ ବୃଦ୍ଧି କରିଛି। ବିଶ୍ୱ ବଜାର ପ୍ରତି ଚୀନ୍ ସମ୍ମାନ ଦେଖାଉ ନ ଥିବା ଦର୍ଶାଇ ଆମେରିକା ଏହା ବିରୋଧରେ ଶୁଳ୍କ ଆହୁରି ବଢ଼ାଇ ଚୀନ୍ ଉପରେ ଅତିରିକ୍ତ ଚାପ ସୃଷ୍ଟି କରିବାକୁ ଉଦ୍ୟମ କରିଛି। ନିଜ ସୋସିଆଲ୍ ମିଡିଆ 'ଟ୍ରୁଥ୍' ଜରିଆରେ ଟ୍ରମ୍ପ ଏହି ସୂଚନା ଦେଇଛନ୍ତି।



ଆମେରିକା ବାଣିଜ୍ୟ ସଚିବ ହାୱାର୍ଡ ଲୁଟ୍‌କିନ୍ ଜଣାଇଛନ୍ତି ଯେ ବିଶ୍ୱ ବାଣିଜ୍ୟରେ ସୁଧାର ଆଣିବା ଲାଗି ରାଷ୍ଟ୍ରପତି ଟ୍ରମ୍ପଙ୍କ ସହ ସାରା ବିଶ୍ୱ କାର୍ଯ୍ୟ କରିବାକୁ ଆଗେଇ ଆସିଛନ୍ତି। କିନ୍ତୁ ଚୀନ୍ ବିପରୀତ ପଥ ଚୟନ କରିଛି। କିଛି ଦିନ ପରେ ଚୀନ୍ ବୁଝିଯିବ ଯେ ଆମେରିକା କିମ୍ବା ଅନ୍ୟ ଦେଶକୁ କ୍ଷତି ପହଞ୍ଚାଇବା ଗ୍ରହଣୀୟ ହେବନାହିଁ। ବୁଧବାର ଚୀନ୍ ଉପରେ ଆମେରିକା ଏହାର ଶୁଳ୍କକୁ ୧୦୪ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି କରିବା ପରେ ଆମେରିକା ଉପରେ ଚୀନ୍ ଶୁଳ୍କକୁ ୮୪ ପ୍ରତିଶତ ପର୍ଯ୍ୟନ୍ତ ବଢ଼ାଇଥିଲା। ଶେଷରେ ଚୀନ୍ ଉପରେ ଆମେରିକାର ଶୁଳ୍କ ୧୨୫ ପ୍ରତିଶତକୁ ବୃଦ୍ଧି କରାଯାଇଥିବାରୁ ଆଗାମୀ ଦିନରେ ଚୀନ୍‌ର ଆଭିମୁଖ୍ୟ କ'ଣ ରହିବ ତାହା ଉପରେ ସମସ୍ତଙ୍କ ନଜର ରହିଛି। ଅନ୍ୟ ଏକ ଘଟଣାକ୍ରମରେ ଫାର୍ମସ୍ୟୁଟିକାଲ୍ ଉପରେ ଶୁଳ୍କ ଲଗାଇବାକୁ ଆମେରିକା ଯୋଜନା କରୁଥିବା ଟ୍ରମ୍ପ ଘୋଷଣା କରିଛନ୍ତି। ଏହି ଶୁଳ୍କ ଭାରତକୁ ଗୁରୁତର ଭାବେ ପ୍ରଭାବିତ କରିବା ଆଶଙ୍କା ରହିଛି। ଭାରତୀୟ ଫାର୍ମା ଶିଳ୍ପ ଆମେରିକୀୟ ବଜାର ଉପରେ ଅତ୍ୟଧିକ ନିର୍ଭରଶୀଳ ରହିଛି। ୨୦୨୩-୨୪ରେ ଭାରତର ଫାର୍ମା ରପ୍ତାନି ୨୭୯୦ କୋଟି ଡଲାର ଥିଲା। ତାହାର ୩୧ ପ୍ରତିଶତ ରପ୍ତାନି କେବଳ ଆମେରିକାକୁ କରାଯାଇଥିଲା।

# ଖୁବ୍‌ଶୀଘ୍ର ବଜାରକୁ ଆସିବ ଓମ୍‌ଫେଡ୍ ଚକୋଲେଟ୍, ପାଣି ବୋତଲ

ଭୁବନେଶ୍ୱର: ଓଡ଼ିଶା ଷ୍ଟେଟ୍ କୋଅପରେଟିଭ୍ ମିଲ୍କ ପ୍ରଡ୍ୟୁସର୍ସ ଫେଡେରେଶନ (ଓମ୍‌ଫେଡ୍) ପ୍ରସ୍ତୁତ ଚକୋଲେଟ ଖୁବ୍‌ଶୀଘ୍ର ବଜାର ପ୍ରବେଶ କରିବ। ଏନେଇ ଓମ୍‌ଫେଡ ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତ କୁଲାଙ୍ଗେ ସୂଚନା ଦେଇଛନ୍ତି। ନ୍ୟାଶନାଲ ଡେଏରି ଡେଭଲପ୍‌ମେଣ୍ଟ ବୋର୍ଡ ପକ୍ଷରୁ ଏହାର ପ୍ରୋଜେକ୍ଟ ଡିଜାଇନ କରାଯାଇଛି। କ୍ୟାପିଟାଲ ଇନ୍‌ଭେଷ୍ଟମେଣ୍ଟ ପାଇଁ ଡିଟେଲ ପ୍ରୋଜେକ୍ଟ ରିପୋର୍ଟ (ଡିପିଆର) ଓଡ଼ିଶା ସରକାରଙ୍କୁ ପ୍ରଦାନ କରାଯାଇଛି। ଓମଫେଡ୍ ପାଣି ବୋତଲ ମଧ୍ୟ ବିକ୍ରି କରିବାକୁ ଯୋଜନା ରହିଛି। ଆସନ୍ତା ୪ ମାସ ଭିତରେ ଓମଫେଡ୍ ବଜାରରେ ପାଣି ବିକ୍ରି ଆରମ୍ଭ କରିପାରେ। ସେହିପରି ବୁଧବାର ଅରିଲୋସ୍ଥିତ ଓମଫେଡ୍ ପ୍ଲାଣ୍ଟ ପରିଦର୍ଶନରେ ଯାଇଥିବା ଗଣମାଧ୍ୟମର ୩୦ରୁ ଅଧିକ ପ୍ରତିନିଧିଙ୍କ ସହ ପ୍ଲାଣ୍ଟ ମ୍ୟାନେଜର କାର୍ତ୍ତିକ ପାଲ୍ ଓମଫେଡର ଦୁଗ୍ଧ ପ୍ରକ୍ରିୟାକରଣ, ଉପତ୍ୱାଦ ଓ ଉପତ୍ୱାଦନ ପ୍ରକ୍ରିୟା ସମ୍ପର୍କରେ ଆଲୋଚନା କରିଥିଲେ। ଏବେ ଓମଫେଡ ଦୈନିକ ୫ ଲକ୍ଷ ୧୪ ହଜାର ଲିଟର ଦୁଗ୍ଧ ସଂଗ୍ରହ କରୁଛି। ସେଥିରେ ଦେଶୀ ବା ବିଞ୍ଝାରପୁରୀ ଗାଈ କ୍ଷୀର ହେଉଛି ୨୫୦୦ ଲିଟର। ବର୍ତ୍ତମାନ ଓମଫେଡ୍ ପକ୍ଷରୁ ବିଭିନ୍ନ ପ୍ରକାରର କ୍ଷୀର, ଘିଅ, ଦହି, ଲସି, ଖୁଆ, ପେଡ଼ା, ଲହୁଣୀ, ପନିର, ମିଠା ଦହି, ମିଲ୍‌କ ପାଉଡର ଆଦି ଉପତ୍ୱାଦ ପ୍ରସ୍ତୁତ କରାଯାଉଛି। ଅତ୍ୟାଧୁନିକ ଯନ୍ତ୍ରାଂଶ ଓ ପ୍ରଣାଳୀରେ ଏହି ସବୁ ଉପତ୍ୱାଦ ପ୍ରସ୍ତୁତ କରାଯାଉଥିବାବେଳେ ସ୍ଥାନୀୟ ଅଞ୍ଚଳରେ ବ୍ୟାପକ କର୍ମନିଯୁକ୍ତି ସମ୍ଭବ ହୋଇପାରିଛି। ଏହାବ୍ୟତୀତ ବର୍ଷକ ଭିତରେ ଓମ୍‌ଫେଡ ୧୦ ଲକ୍ଷ ଲିଟର ଦୁଗ୍ଧ ଉତ୍ପାଦନ ବୃଦ୍ଧି କରିବା ନେଇ ଯୋଜନା ପ୍ରସ୍ତୁତ କରିଛି। ଘିଅ ଉତ୍ପାଦନ ବୃଦ୍ଧି ପାଇଁ ଆଗାମୀ ଦିନରେ ଓମଫେଡ ଯୋଜନା ରଖିଛି। ମାସକୁ ଓମଫେଡ ୧୨୦ ଟନ୍ ଘିଅ ଉତ୍ପାଦନ କରୁଛି। ରାଜ୍ୟର ପ୍ରମୁଖ ମନ୍ଦିରରେ ଏହି ଘିଅ ବ୍ୟବହାର କରାଯାଉଥିବାବେଳେ ଦିଲ୍ଲୀ ହଜଖାସ୍ ଜଗନ୍ନାଥ ମନ୍ଦିର ସହ ଆଖପାଖର ଜଗନ୍ନାଥ ମନ୍ଦିରକୁ ମଧ୍ୟ ଓମଫେଡ୍ ଘିଅ ଯୋଗାଇ ଦିଆଯାଉଛି।

# ଶସ୍ତା ଇଲେକ୍ଟ୍ରିକ କାର ଉପରେ ଜବରଦସ୍ତ ରିହାତି



ନୂଆଦିଲ୍ଲୀ: ଜେଏସଡବ୍ଲ୍ୟୁ ଏମଜି ମୋଟର ଇଣ୍ଡିଆ ସମ୍ପ୍ରତି ଭାରତୀୟ ବଜାରରେ ଅପଡେଟେଡ୍ କୋମେଟ ଇଭି ଲଞ୍ଚ କରିଛି, ଯାହା ଦେଶର ସବୁଠାରୁ ଶସ୍ତା ଇଲେକ୍ଟ୍ରିକ୍ କାର। ଏବେ ବଡ଼ କଥା ହେଉଛି ଏହି ଶସ୍ତା ଇଲେକ୍ଟ୍ରିକ୍ କାରଟି ଆହୁରି ଶସ୍ତାରେ କିଣାଯାଇପାରିବ। ଯଦି ଆପଣ ମଧ୍ୟ ଏହି ଇଭି କିଣିବାକୁ ଯୋଜନା କରୁଛନ୍ତି, ତେବେ ଏହି ସୁଯୋଗ ଆପଣଙ୍କ ପାଇଁ ଉପଯୁକ୍ତ ସାବ୍ୟସ୍ତ ହୋଇପାରେ। କୋମେଟ ଇଭିର ମଡେଲ ବର୍ଷ ୨୦୨୪ ଉପରେ ୪୫୦୦୦ ଟଙ୍କା ପର୍ଯ୍ୟନ୍ତ ରିହାତି ଦିଆଯାଉଛି। ଏଥିରେ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ନଗଦ ରିହାତି, ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ଲୟାଲ୍ଟି ବୋନସ୍ ଏବଂ ୫୦୦୦ ଟଙ୍କା ପର୍ଯ୍ୟନ୍ତ କର୍ପୋରେଟ୍ ରିହାତି ଅନ୍ତର୍ଭୁକ୍ତ। ଆପଣ ଏହି ରିହାତି ଭିନ୍ନ ଭିନ୍ନ ପ୍ରକାର ଅନୁସାରେ ପାଇପାରିବେ। ଏହା ବ୍ୟତୀତ, କୋମେଟ ଇଭିର ମଡେଲ ବର୍ଷ ୨୦୨୫ ଉପରେ ୪୦ ହଜାର ଟଙ୍କା ରିହାତି ଏବଂ ୧୫ ହଜାର ଟଙ୍କା ପର୍ଯ୍ୟନ୍ତ ନଗଦ ରିହାତି ମଧ୍ୟ ଉପଲବ୍ଧ।

କୋମେଟ ଇଭିର ବୈଶିଷ୍ଟ୍ୟ ବିଷୟରେ କହିବାକୁ ଗଲେ, କମ୍ପାନୀ ଏଥିରେ ୧୭.୩ କିଲୋୱାଟ ବ୍ୟାଟେରୀ ପ୍ୟାକ୍ ପ୍ରଦାନ କରିଛି। ଏହି କାରଟି ୪୨ ପିଏସ ପାୱାର ଏବଂ ୧୧୦ ଏନଏମ ଟର୍କ ଉତ୍ପାଦନ କରେ। ଏହା ବ୍ୟତୀତ ଏହି କାରରେ ୩.୩ କିଲୋୱାଟ୍ ଚାର୍ଜର ଦିଆଯାଇଛି, ଯାହା ସାହାଯ୍ୟରେ ଏହି କାର ୫ ଘଣ୍ଟାରେ ୮୦ ପ୍ରତିଶତ ପର୍ଯ୍ୟନ୍ତ ଚାର୍ଜ ହୋଇଯାଏ। ଏମଜି ମୋଟର୍ସର ଏହି ଇଲେକ୍ଟ୍ରିକ୍ କାରର ରେଞ୍ଜ ୨୩୦ କିଲୋମିଟର।

# ବାଂଲାଦେଶକୁ ଝଟ୍‌କା ଦେଲା ଭାରତ

ନୂଆଦିଲ୍ଲୀ: ଉତ୍ତର ପୂର୍ବ ଭାରତରେ ଚୀନ୍‌ର ଉପସ୍ଥିତି ବଢ଼ାଇବା ସପକ୍ଷରେ ବାଂଲାଦେଶ ପ୍ରଧାନମନ୍ତ୍ରୀ ମହମ୍ମଦ ୟୁନୁସ୍ ଯୁକ୍ତି ବାଢ଼ିବା ପରେ ବାଂଲାଦେଶ ସହ ହୋଇଥିବା ଟ୍ରାନ୍ସ ସିପ୍‌ମେଣ୍ଟ ରାଜିନାମାକୁ ଭାରତ ରଦ୍ଦ କରିଛି। ଫଳରେ କୌଣସି ତୃତୀୟ ପକ୍ଷ ରାଷ୍ଟ୍ରକୁ ରପ୍ତାନି ପାଇଁ ଜିନିଷକୁ ବନ୍ଦର ଓ ବିମାନବନ୍ଦର ପର୍ଯ୍ୟନ୍ତ ନେବା ଲାଗି ଭାରତୀୟ ଭୂପୃଷ୍ଠ ସୀମା ଶୁଳ୍କ ଷ୍ଟେସନକୁ ବାଂଲାଦେଶ ବ୍ୟବହାର କରିପାରିବ ନାହିଁ। ୨୦୨୦ ଜୁନ୍‌ରେ ଭାରତ ଓ ବାଂଲାଦେଶ ମଧ୍ୟରେ ଏହି ଚୁକ୍ତି ସ୍ୱାକ୍ଷର ହୋଇଥିଲା।



ଏହାକୁ ବ୍ୟବହାର କରି ବାଂଲାଦେଶ ସୁବିଧାରେ ଏହାର ଜିନିଷ ଭୂଟାନ, ନେପାଳ ଓ ମିଆଁମାର ପଠାଇପାରୁଥିଲା। ସେହି ରାଜିନାମାକୁ ତତ୍କାଳ ରଦ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି କେନ୍ଦ୍ରୀୟ ପରୋକ୍ଷ ଟିକସ ଓ ସୀମା ଶୁଳ୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

CMYK

# ପୁଅର ସ୍ୱାସ୍ଥ୍ୟ ବିଷୟରେ କହିଲେ ପବନ, ଫୋନ କରି ପ୍ରଧାନମନ୍ତ୍ରୀ ଦେଲେ ଏହି ପ୍ରତିଶ୍ରୁତି



ହାଇଦ୍ରାବାଦ: ସିଙ୍ଗାପୁରର ଏକ ସ୍କୁଲରେ ନିଆଁ ଲାଗିବାରୁ ଆନ୍ଧ୍ର ପ୍ରଦେଶର ଉପମୁଖ୍ୟମନ୍ତ୍ରୀ ପବନ କଲ୍ୟାଣଙ୍କ ସାନ ପୁଅ ମାର୍କ ଶଙ୍କର ଆହତ ହୋଇଛନ୍ତି। ଏହି କଠିନ ସମୟରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ. ପବନ କଲ୍ୟାଣଙ୍କୁ ଫୋନ୍ କରି ହାଇ କମିଶନ ମାଧମରେ ସମସ୍ତ ପ୍ରକାରର ସାହାଯ୍ୟର ପ୍ରତିଶ୍ରୁତି ଦେଇଥିବା ସାମ୍ନାକୁ ଆସିଛି।

ଏବେ ପବନ କଲ୍ୟାଣ ହାଇଦ୍ରାବାଦରେ ଥିବା ବେଳେ ଫୋନ ଯୋଗେ ନିଜ ପତ୍ନୀଙ୍କ ସହ ଯୋଗାଯୋଗ କରୁଛନ୍ତି। ସେ କହିଛନ୍ତି ଯେ, ସେ ଆଜି ରାତିରେ ତାଙ୍କ ପୁଅକୁ ଭେଟିବା ପାଇଁ ସିଙ୍ଗାପୁର ଯିବେ। ମାର୍କ ସିଙ୍ଗାପୁରର ଏକ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି।

କଲ୍ୟାଣ କହିଛନ୍ତି, 'ସିଙ୍ଗାପୁରରେ ଏକ ଗ୍ରୀଷ୍ମ ଶିବିର(ସମର କ୍ୟାମ୍ପ) ସମୟରେ ଏହି ଘଟଣା ଘଟିଥିଲା। ଏହି ଘଟଣାରେ ଅନେକ ପିଲା ଆହତ ହୋଇଛନ୍ତି ଏବଂ ଜଣକର ମୃତ୍ୟୁ ହୋଇଛି। ମୋ ପୁଅର ହାତ ଏବଂ ଗୋଡ଼ ପୋଡ଼ି ଯାଇଛି। ତାଙ୍କର 'ବ୍ରୋଙ୍କୋସ୍କୋପି' କରାଯାଉଛି। ଧୂଆଁ ଯୋଗୁଁ ହୋଇଥିବା କ୍ଷତି ଦୀର୍ଘଦିନ ରହିବ। ମୁଁ ଏପର୍ଯ୍ୟନ୍ତ ମୋ ପୁଅ ସହିତ କଥା ହୋଇନାହିଁ। ହେଲେ ତାଙ୍କ ଅବସ୍ଥା ଚିନ୍ତାଜନକ ନୁହେଁ ବୋଲି ମୁଁ ଜାଣିବାକୁ ପାଇଛି। ଏହି କଠିନ ସମୟରେ ପ୍ରଧାନମନ୍ତ୍ରୀ ଓ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ମୋର ମନୋବଳ ବଢ଼ାଇଛନ୍ତି। ପ୍ରଧାନମନ୍ତ୍ରୀ ଫୋନ୍ କରି ହାଇ କମିଶନ ମାଧମରେ ସମସ୍ତ ପ୍ରକାରର ସାହାଯ୍ୟର ପ୍ରତିଶ୍ରୁତି ଦେଇଛନ୍ତି।'

# ପୁଣି ଥରେ ତୁଳସୀ ଭୂମିକାରେ ନଜର ଆସିବେ ସ୍ମୃତି ଇରାନି !

ମୁମ୍ବାଇ: ଏକ୍ତା କପୁରଙ୍କ ଦ୍ୱାରା ନିର୍ମିତ ଲୋକପ୍ରିୟ ଟେଲିଭିଜନ ଧାରାବାହିକ 'କ୍ୟୁଁକି ଶାଶ୍ ଭି କଭି ବୋହୂ ଥି' ଆଉ ଥରେ ପରଦାରେ ଦେଖିବାକୁ ମିଳିବ ବୋଲି ଗତକିଛି ଦିନ ମଧ୍ୟରେ ଜୋର୍‌ଦାର୍ ଚର୍ଚ୍ଚା ହେଉଛି। ଏହି ଧାରାବାହିକକୁ ନେଇ ପ୍ରଶଂସକମାନେ ବି ଅଧିକ ଅପଡେଟ୍ ପାଇଁ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି। ଏହାରି ମଧ୍ୟରେ ଦର୍ଶକଙ୍କ ନିମନ୍ତେ ଆହୁରି ଏକ ଭଲ ଖବର ବି ରହିଛି।



ଏକ ସାମ୍ପ୍ରତିକ କାର୍ଯ୍ୟକ୍ରମରେ, ଚଳଚ୍ଚିତ୍ର ନିର୍ମାତା ଏବଂ ନିର୍ମାତା ଏକତା ଆର କପୁର କେବଳ ଧାରାବାହିକଟି ପୁଣିଥରେ ଦେଖିବାକୁ ମିଳିବ ବୋଲି ନିଶ୍ଚିତ କରିନାହାନ୍ତି,ବରଂ ସେଥିରେ ଦର୍ଶକଙ୍କ ପ୍ରିୟ ଅଭିନେତ୍ରୀ ତଥା ରାଜନେତ୍ରୀ ସ୍ମୃତି ଇରାନିଙ୍କୁ ବି ଦେଖିବାକୁ ମିଳିପାରେ ବୋଲି ସଂକେତ ଦେଇଛନ୍ତି। ହିନ୍ଦୁସ୍ତାନ ଟାଇମ୍ସ ଦ୍ୱାରା ରିପୋର୍ଟ କରାଯାଇଥିବା ଅନୁସାରେ, ଏକ ସାମ୍ପ୍ରତିକ କାର୍ଯ୍ୟକ୍ରମରେ, ସୋ'ର ନିର୍ମାତା ଏକତା ଆର୍ କପୁର ପ୍ରକାଶ କରିଛନ୍ତି ଯେ ଆଉ କେବଳ ବାକି ୧୫୦ ଏପିସୋଡ୍ କରାଯିବ। କାରଣ ପୂର୍ବରୁ ଧାରାବାହିକଟି ୧୮୫୦ ଏପିସୋଡ୍‌ରେ ଅଟକିଥିଲା। ସେଥିରେ ତୁଳସୀ ଭୂମିକା ନିଭାଇଥିଲେ ସ୍ମୃତି ଇରାନୀ। ଆଉ ୧୫୦ ଏପିସୋଡ୍ କରି ୨୦୦୦ ଏପିସୋଡ୍ ପୂରା କରିବାକୁ ଚାହାନ୍ତି ନିର୍ମାତା।

ତେବେ ଏନେଇ ଏକ ରୋମାଞ୍ଚକର ସୂଚନା ପ୍ରକାଶ କରି ଏକତା ଆହୁରି ମଧ୍ୟ କହିଛନ୍ତି କି 'ଆମେ ମନୋରଞ୍ଜନରେ ରାଜନୀତିକୁ ଆଣୁଛୁ। କିମ୍ବା ଜଣେ ରାଜନେତାଙ୍କୁ ମନୋରଞ୍ଜନରେ ଆଣୁଛୁ''। ଯାହାକି ସ୍ମୃତି ଇରାନିଙ୍କୁ ଇଙ୍ଗିତ କରାଯାଇଛି ବୋଲି ଚର୍ଚ୍ଚା ହେଉଛି।

# ଘରେ ନରହି ବି କଙ୍ଗନାଙ୍କ ପାଖକୁ ଆସୁଛି ୧ ଲକ୍ଷର ବିଜୁଳି ବିଲ୍



ନୂଆଦିଲ୍ଲୀ: ଲୋକପ୍ରିୟ ବଲିଉଡ୍ ଅଭିନେତ୍ରୀ କଙ୍ଗନା ରାଣାୱତ ତାଙ୍କର ସଂସଦୀୟ ଦାୟିତ୍ୱ ଏବଂ ତାଙ୍କ ଫିଲ୍ମ ପ୍ରୋଜେକ୍ଟଗୁଡ଼ିକର ସୁଟିଂରେ ବ୍ୟସ୍ତ ଅଛନ୍ତି। କିଛି ଦିନ ତଳେ କଙ୍ଗନାଙ୍କୁ ହିମାଚଳ ପ୍ରଦେଶର ମଣ୍ଡିରେ ଆୟୋଜିତ ଏକ ରାଜନୈତିକ କାର୍ଯ୍ୟକ୍ରମରେ ଦେଖିବାକୁ ମିଳିଥିଲା। ଏଠାରେ କଙ୍ଗନା ଏକ ବଡ଼ ଖୁଲାସା କରିଥିଲେ। ମଣ୍ଡିରେ ଥିବା ତାଙ୍କ ଘରର ବିଦ୍ୟୁତ୍ ବିଲ୍ ବିଷୟରେ ଚାଞ୍ଚଲ୍ୟକର ସୂଚନା ଦେଇଥିଲେ ଅଭିନେତ୍ରୀ। ସେ କହିଥିଲେ ଯେ, ତାଙ୍କର ବିଦ୍ୟୁତ୍ ବିଲ୍ ପ୍ରତି ମାସରେ ୧ ଲକ୍ଷ ଟଙ୍କା ଆସୁଛି। ଏହା ସହିତ ସେ ହିମାଚଳ ପ୍ରଦେଶ ସରକାରଙ୍କୁ ସମାଲୋଚନା କରିଥିଲେ।

କଙ୍ଗନା ରାଣାୱତ ତାଙ୍କ ମନାଲି ଘର ପାଇଁ ମିଳିଥିବା ମୋଟା ଅଙ୍କର ବିଦ୍ୟୁତ୍ ବିଲ୍ ପାଇଁ କଂଗ୍ରେସ ନେତୃତ୍ୱାଧୀନ ହିମାଚଳ ପ୍ରଦେଶ ସରକାରଙ୍କୁ ସମାଲୋଚନା କରିଥିଲେ। ସେ କହିଥିଲେ, ଏହି ମାସରେ ମନାଲିରେ ଥିବା ମୋ ଘର ପାଇଁ ମୁଁ ୧ ଲକ୍ଷ ଟଙ୍କାର ବିଦ୍ୟୁତ୍ ବିଲ୍ ପାଇଛି, ଯେଉଁଠାରେ ମୁଁ ରହୁନାହିଁ। ପରିସ୍ଥିତି ଏତେ ଖରାପ ହୋଇଗଲାଣି। ମୋ ଭାଇ-ଭଉଣୀମାନଙ୍କୁ ଏତିକି ଅନୁରୋଧ ରାଜ୍ୟର ଉନ୍ନତି ପାଇଁ କାମ କରନ୍ତୁ। ରାଜ୍ୟ ସରକାର ହେଉଛନ୍ତି ଗଧିଆ ଏବଂ ମନାଲିର ଲୋକମାନଙ୍କୁ ସେମାନଙ୍କ କବଳରୁ ବାହାରିବାକୁ ପଡିବ। ଏହି ଦେଶକୁ, ଏହି ରାଜ୍ୟକୁ ପ୍ରଗତି ପଥରେ ନେବା ଆମ ସମସ୍ତଙ୍କର ଦାୟିତ୍ୱ। ହେଲେ ପ୍ରଗତି ପାଇଁ ଆମକୁ ଗଧିଆଙ୍କ କବଳରୁ ମୁକ୍ତ ହେବାକୁ ପଡ଼ିବ।

# ଫରାହଙ୍କ ରୋଷେୟା ଶାହରୁଖଙ୍କ ସହ କରିବେ ସୁଟିଂ



ନୂଆଦିଲ୍ଲୀ: କୋରିଓଗ୍ରାଫର ଫରାହ ଖାନ ୟୁଟ୍ୟୁବରେ ରୋଷେଇ ବ୍ଲଗ ତିଆରି କରନ୍ତି। ଏହି ଭିଡିଓଗୁଡ଼ିକ ଯୋଗୁଁ ଫରାହ ଖାନଙ୍କ ରୋଷେୟା ଦିଲୀପ ମଧ୍ୟ ଚର୍ଚ୍ଚାକୁ ଆସିଛନ୍ତି।

ନିକଟରେ ଫାରା ଖାନ କରଣ ଓ୍ୱାହିଙ୍କ ଘରକୁ ଯାଇଥିଲେ। ଏହି ସମୟରେ କରଣ ପଟେଲ ମଧ୍ୟ ସେଠାରେ ଥିଲେ। ସମସ୍ତେ ମିଶି ସେଠାରେ ଅଟାର ହାଲୁଆ ତିଆରି କରିଥିଲେ।ଏହି ସମୟରେ ଫରାହ ଖାନ କହିଥିଲେ,' ଦିଲୀପ ଶାହରୁଖ ଖାନଙ୍କ ସହ ସୁଟିଂ କରିବାକୁ ଯାଉଛନ୍ତି। ସେ ଏକ ବିଜ୍ଞାପନର ସୁଟିଂ କରିବେ। ଆପଣ ଜାଣନ୍ତି ଦିଲୀପଙ୍କର ବିହାରରେ ତିନିତାଲା ବିଶିଷ୍ଟ ଏକ ବଙ୍ଗଳା ମଧ୍ୟ ଅଛି। ସେଠାରେ ତାଙ୍କ ସ୍ତ୍ରୀ, ପିଲା ଓ ବାପା ଓ ମା' ବସବାସ କରନ୍ତି। ଦିଲୀପ ମୋ ସହ ମୁମ୍ବାଇରେ ରୁହନ୍ତି।'

# ଡାଇବେଟିସ୍ ରୋଗୀଙ୍କ ପାଇଁ କ୍ଷୀର କେତେ ଜରୁରୀ !



କ୍ଷୀର ଶରୀରକୁ ପୁଷ୍ଟିକର ପଦାର୍ଥ ଯୋଗାଇଥାଏ ଏବଂ ଯଦି କ୍ଷୀରରେ ଅନ୍ୟ କିଛି ପଦାର୍ଥ ମିଶାଯାଏ ତେବେ ଏହା ଆହୁରି ପୁଷ୍ଟିକର ହୋଇଯାଏ। ଏବେ ପ୍ରଶ୍ନ ଉଠୁଛି ଯେ, ଡାଇବେଟିସ୍ ରୋଗୀଙ୍କୁ ପ୍ରଚୁର ପରିମାଣର ପୋଷକ ତତ୍ତ୍ୱ ଆବଶ୍ୟକ, ତେବେ ଡାଇବେଟିସ୍ ରୋଗୀ କ୍ଷୀର ପିଇପାରିବେ କି ? ଏହା ଉପରେ ଅନେକ ବିବାଦ ଅଛି, କିନ୍ତୁ ବିଶେଷଜ୍ଞମାନେ କୁହନ୍ତ, କ୍ଷୀରରେ ଲାକ୍ଟୋଜ ନାମକ ଏକ ପ୍ରକାର କାର୍ବୋହାଇଡ୍ରେଟ୍ ଥାଏ, ଯାହା ବ୍ଲଡ୍ ସୁଗାର ବୃଦ୍ଧି କରିପାରେ। ତେଣୁ ଡାଇବେଟିସ୍ ରୋଗୀମାନେ ଅତ୍ୟଧିକ କ୍ଷୀର ପିଇବା ଉଚିତ୍ ନୁହେଁ। ଯଦି ଡାଇବେଟିସ୍ ରୋଗୀମାନେ କ୍ଷୀର ପସନ୍ଦ କରନ୍ତି, ତେବେ ସେମାନଙ୍କୁ କ୍ଷୀରରେ କିଛି ପଦାର୍ଥ ମିଶାଯିବା ଉଚିତ, ଯାହା ସେମାନଙ୍କ ପାଇଁ କ୍ଷୀରକୁ କ୍ଷତିକାରକ କରିବ।

ମନେକରନ୍ତୁ ଆପଣଙ୍କର କ୍ଷୀର ବହୁତ ପସନ୍ଦ। ଆପଣ ପିଲାଦିନରୁ କ୍ଷୀର ପିଉଛନ୍ତି ମାତ୍ର ହଠାତ୍ ଆପଣ ଡାଇବେଟିସ୍ ରୋଗରେ ପୀଡ଼ିତ ହୋଇଗଲେ। ଏପରି ପରିସ୍ଥିତିରେ, ଆପଣଙ୍କ ଆଗରେ ଏକ ବଡ଼ ପ୍ରଶ୍ନ ଉଠେ ଯେ, କ୍ଷୀର ଆପଣଙ୍କ ପାଇଁ ଲାଭଦାୟକ କି ନାହିଁ। ତେବେ ଡାଇବେଟିସ୍ ରୋଗୀଙ୍କ ପାଇଁ ମଧ୍ୟ କ୍ଷୀର ଲାଭଦାୟକ, କିନ୍ତୁ ଅଧିକ କ୍ଷୀର ପିଇବା କ୍ଷତିକାରକ ହୋଇପାରେ। କାରଣ କ୍ଷୀରରେ ଲାକ୍ଟୋଜ ଥାଏ, ଯାହା କ୍ଷୀରରେ ଥିବା ଏକ ପ୍ରାକୃତିକ ସୁଗାର।

ଦିଲ୍ଲୀର ଜଣେ ବରିଷ୍ଠ ଡାକ୍ତର ଅଜୟ କୁମାର କହିଛନ୍ତି, ଯଦି ଡାଇବେଟିସ୍ ରୋଗୀମାନେ ଅଧିକ ପରିମାଣରେ କ୍ଷୀର ପିଅନ୍ତି, ତେବେ ସୁଗାର ଲେବଲ ବୃଦ୍ଧି ପାଇବାର ଆଶଙ୍କା ଥାଏ। ଏହା ବ୍ୟତୀତ କ୍ଷୀରରେ ଚର୍ବି ଥାଏ ଯାହା ଡାଇବେଟିସ୍ ରୋଗୀଙ୍କ ପାଇଁ କ୍ଷତିକାରକ। ତେଣୁ ଡାଇବେଟିସ୍ ବା ମଧୁମେହ ରୋଗୀମାନେ କମ୍ ଚର୍ବିଯୁକ୍ତ କ୍ଷୀର ପିଇବା ଉଚିତ। ସାଧାରଣ ଭାଷାରେ, କମ ଚର୍ବିଯୁକ୍ତ କ୍ଷୀରକୁ ସ୍କିମ୍ଡ କ୍ଷୀର ମଧ୍ୟ କୁହାଯାଏ।ଡାଇବେଟିସ୍ ରୋଗୀଙ୍କ ପାଇଁ ଗାଇ କ୍ଷୀର ବହୁତ ଲାଭଦାୟକ। ଗାଇ କ୍ଷୀରରେ ୨-ବିଟା କେସିନ ପ୍ରୋଟିନ ଥାଏ। ଯାହା ମଇଁଷି କ୍ଷୀର ତୁଳନାରେ ସହଜରେ ହଜମ ହୁଏ। ଯାହା ଯୋଗୁ ଏହା ସାମଗ୍ରିକ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ। ଏହା ବ୍ୟତୀତ ଡାଇବେଟିସ୍ ରୋଗୀମାନେ କ୍ଷୀରରେ ହଳଦୀ ମିଶାଇ ପିଇପାରିବେ। ହଳଦୀରେ ପ୍ରଦାହ-ବିରୋଧୀ ଏବଂ ଆଣ୍ଟିଅକ୍ସିଡାଣ୍ଟ ଗୁଣ ଅଛି ଯାହା ଡାଇବେଟିସ୍ ରୋଗୀଙ୍କ ପାଇଁ ଲାଭଦାୟକ ହୋଇପାରେ। ଏହା ସହିତ ଡାଇବେଟିସ୍ ରୋଗୀମାନେ କ୍ଷୀରରେ ଡାଲଚିନି ମିଶାଇ ମଧ୍ୟ ପିଇପାରିବେ। ଡାଲଚିନିରେ ଆଣ୍ଟିଅକ୍ସିଡାଣ୍ଟ ଏବଂ ଆଣ୍ଟି-ଇନ୍ଫ୍ଲେମାଟୋରୀ ଗୁଣ ମଧ୍ୟ ରହିଛି, ଯାହା ଡାଇବେଟିସ୍ ରୋଗୀଙ୍କ ପାଇଁ ବହୁ ଉପକାରୀ।

News Desk- Mob : 94374-04455, 0674- 2597909, Contact Address : VIC-12/1, Unit-1, Bapuji Nagar, Bhubaneswar.
Advt.,Circulation & Sales - 94398- 30788, E- mail ID : amarajdhani@gmail.com,

Printed, Published, Owned & Edited by Sri Rabi Das, Published from VIC-12/1, Unit-1, Bhubaneswar-751009, Orissa and Printed at Mallhar Publications, D-1/1, Mancheswar I.E. Bhubaneswar-751010.

Editor : Rabi Das

ସମ୍ପାଦକ - ରବି ଦାସ

CMYK